ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.71 Bhubaneswar Friday April 21 2023 | ୨୬ତମ ବର୍ଷ ସଂଖ୍ୟା-୭୧ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୨୧, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS



ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ତରଫରୁ ସୂଚ଼ନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଲେ ସଭାପତି ସଂଜୟ ଦାସ, ସାଧାରଣ ସମ୍ପାଦକ, ହୃଷୀକେଶ ମହାନ୍ତି, ଉପାଧ୍ୟକ୍ଷ ରଜନୀକାନ୍ତ ସାମନ୍ତରାୟ,ସଭ୍ୟ ପ୍ରସନ୍ନ ପୃଷ୍ଟି ଓ କିଶୋର ସିହ୍ନା ।

## ରାଜଧାନୀରେ ଫୁଟିଲା ବୋମା, ଉର୍ମି ହୋଟେଲକୁ ଦୁର୍ବୃତ୍ତଙ୍କ ଆଟାକ୍

ଭୁବନେଶ୍ୱର,୨୦।୪(ପି.ଏନ): ରାଜଧାନୀରେ ଫୁଟିଲା ବୋମା । ରସୁଲଗଡ଼ରେ ଉର୍ମି ହୋଟେଲ ଉପରକୁ ବୋମା ଫିଙ୍ଗିଛନ୍ତି ଦୁର୍ବୃତ୍ତ । ବାଇକରେ ଆସି ୨ଟି ବୋମା ଫିଙ୍ଗିଥିବା ଜଣାପଡିଛି । ଘଟଣାସ୍ଥଳରେ ମଞ୍ଚ?ଶ୍ୱର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।ତେବେ କେଉଁ କାରଣରୁ ଏହି ବୋମା ମାଡ଼ କରାଯାଇଛି ତାହା ସ୍ପଷ୍ଟ ହୋଇପାରି ନାହିଁ । ବୋମା ମାଡ଼ରେ ହୋଟେଲର କିଛି କାଚ଼ ଭାଙ୍ଗିଥିବା ସୂଚ଼ନା ମିଳିଛି ।

# ଆତଙ୍କୀ ହମଲାରେ ସହିଦ ୫ ଯବାନଙ୍କ ମଧ୍ୟରେ ଜଣେ ଓଡିଆ

ନୂଆଦିଲ୍ଲୀ,୨୦।୪(ପି.ଏନ): ଜମ୍ମୁ-କଶ୍ମୀର ପୁଞ୍ଚ ଆତଙ୍କୀ ହମଲାରେ ସହିଦ ହୋଇଥିବା ୫ ରାଷ୍ଟ୍ରୀୟ ରାଇଫଲ୍ସ ଯବାନଙ୍କ ମଧ୍ୟରେ ଜଣେ ଓଡିଆ ରହିଛନ୍ତି। ସହିଦ ଓଡିଆ ଯବାନଙ୍କ ନାଁ ଦେବାଶିଷ ବିଶ୍ୱାଳ। ତାଙ୍କ ଘର ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟ ଅଲଗୁମର ଖଣ୍ଡାୟତ ସାହିରେ।ଦେବାଶିଷଙ୍କ ଘରକୁ ଭାରତୀୟ ସେନା ମୁଖ୍ୟାଳୟରୁ ଫୋନ୍ ଯୋଗେ ଏହି ସୂଚ଼ନା ଦିଆଯାଇଛି। ଏହି ଖବର ପ୍ରଚ଼ାର ହେବା ପରେ ପୂରା ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।



## ଝାରସୁଗୁଡ଼ା ପାଇଁ ବିଜେଡି ପ୍ରକାଶ କଲା ଷ୍ଟାର କ୍ୟାମ୍ପେନର ତାଲିକା

ଭୁବନେଶ୍ୱର,୨୦।୪(ପି.ଏନ): ଝାରସୁଗୁଡ଼ା ପାଇଁ ଷ୍ଟାର କ୍ୟାମ୍ପେନରଙ୍କ ତାଲିକା ପ୍ରକାଶ କଲା ବିଜୁ ଜନତା ଦଳ । ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଲିକାର ସର୍ବାଗ୍ରେ ରହିଥିବାବେଳେ ଦ୍ୱିତୀୟରେ ଅଛନ୍ତି ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ।ଦେବୀ ପ୍ରସାଦ ମିଶ୍ର, ପ୍ରଶନ୍ନ ଆଚ଼ାର୍ଯ୍ୟ, ଶାରଦା ପ୍ରସାଦ ନାୟକ, ନିରଞ୍ଜନ ପୂଜାରୀ, ଅଶୋକ ଚ଼ନ୍ଦ୍ର ପଣ୍ଡା ଏବଂ ପଦ୍ମନାଭ ବେହେରା ତାଲିକାରେ ରହିଛନ୍ତି ।ସେହିପରି ସୁଶାନ୍ତ ସିଂ, ପ୍ରଦାପ କେଶରୀ ଦେବ ଅତ୍ନୁ ସବ୍ୟସାଚ଼ୀ ନାୟକ, ଅରୁଣ ସାହୁ, ପ୍ରଦାପ ଜେନା, ସ୍ନେହାଙ୍ଗୀନି ଛୁରିଆ, ଟୁକୁନି ସାହୁ, ପ୍ରଶାନ୍ତଚ଼ ମୁଦୁଲି, ପୁଷ୍ପ?ନ୍ଦ ସିଂଦେଓ, ଦିବ୍ୟ ଶଙ୍କର ମିଶ୍ର, ରିତା ସାହୁ, ଅଳକା ମହାନ୍ତି, ଚ଼ନ୍ଦ୍ରଶେଖର ସାହୁ, ବ୍ରଜ କିଶୋର ପ୍ରଧାନ, ପ୍ରଣବ ବଳବନ୍ତରାୟକିଶୋପ ନାୟକ, ଦେବୀ ରଞ୍ଜନ ତ୍ରିପାଠୀ , ସୌଭିକ ବିଶ୍ୱାଳ, ସ୍ୱରୂପ କୁମାର ଦାସ, ରୁଦ୍ର ପ୍ରତାପ ମହାରଥି , ଯୋଗେଶ ସିଂ , ରୋମାଞ୍ଚ ରଞ୍ଜନ ବିଶ୍ୱାଳ ରହିଛନ୍ତି ।ଅଭିନେତାଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଚ଼ୟନ କରିଛି ଦଳ । ଯଥା ଅରିନ୍ଦମ ରାୟ ଏବଂ ସତ୍ୟବ୍ରତ ତ୍ରିପାଠୀ ବା କୁନା ତ୍ରିପାଠୀଙ୍କୁ ଷ୍ଟାର କ୍ୟାମ୍ପେନର ଭାବେ ଚ଼ୟନ କରିଛି ଦଳ ।

# ମାନହାନି ମାମଲାରେ ରାହୁଲ ଗାନ୍ଧିଙ୍କୁ ଝଟକା

### *ସୁରତ ସେସନ କୋର୍ଟ ଆବେଦନକୁ ଖାରଜ କଲେ, ହାଇକୋର୍ଟରେ କରିବେ ଅପିଲ୍*

ସୁରତ/ଅହମ୍ମଦାବାଦ, ୨୦।୪(ପି.ଏନ):ମାନହାନି ମାମଲାରେ ଦୋଷୀ ସାବ୍ୟସ୍ତ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ସୁରତ ସେସନ କୋର୍ଟରୁ ଗୁରୁବାର ଲାଗିଛି ଝଟକା । ଏହି ସଜାକୁ ବିରୋଧ କରି କୋର୍ଟରେ ରାହୁଲ ଗାନ୍ଧିଙ୍କ ପକ୍ଷରୁ ଦାଖଲ କରାଯାଇଥିବା ଆବେଦନକୁ ଗୁରୁବାର ସୁରତ ସେସନ କୋର୍ଟ ଖାରଜ କରିଛନ୍ତି । ତେବେ ଏହାପରେ ଏନେଇ ସେ ହାଇକୋର୍ଟରେ ଅପିଲ୍ କରିବେ ବୋଲି ରାହୁଲଙ୍କ ଓକିଲ କହିଛନ୍ତି । ମୋଦି ସାଙ୍ଗିଆକୁ ନେଇ ରାହୁଲ ଗାନ୍ଧି ଦେଇଥିବା ବୟାନ ବିରୋଧରେ ସୁରତ ପଶ୍ଚିମର ବିଧାୟକ ପୁରନେଶ ମୋଦୀ ଏକ ଅପରାଧିକ ମାନହାନି ମାମଲା ଦାୟର୍ କରିଥିଲେ । ଏହି ମାମଲାରେ ସୁରତ କୋର୍ଟ ରାହୁଲ ଗାନ୍ଧିଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶର ସଜା ଶୁଣାଇଥିଲେ । ଯାହା ପରେ ଲୋକପ୍ରତିନିଧିତ୍ୱ ଆଇନ ଅନୁସାରେ ରାହୁଲ ଗାନ୍ଧିଙ୍କ ସଂସଦ ସଦସ୍ୟତା ରଦ୍ଦ ହୋଇଥିଲା ।

## ଉପନିର୍ବାଚ଼ନ ପୂର୍ବରୁ ବିଜେଡିରେ ମିଶିଲେ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ

ଝାରସୁଗୁଡ଼ା,୨୦।୪(ପି.ଏନ): ଉପନିର୍ବାଚ଼ନ ପୂର୍ବରୁ ଝାରସୁଗୁଡ଼ାରେ ଆହୁରି ଶକ୍ତିଶାଳୀ ହେଉଛି ବିଜେଡି । ବିରୋଧୀ ଦଳକୁ ମୁହଁମୋଡ଼ି ବିଜେଡିରେ ସାମିଲ ହେଉଛନ୍ତି ବିଭିନ୍ନ ଦଳର ନେତା ଓ କର୍ମୀ । ଝାରସୁଗୁଡା ନିର୍ବାଚ଼ନମଣ୍ଡଳୀର କୁମୁଡାପାଲିଠାରେ ଅନୁଷ୍ଠିତ ହୋଇଛି ବିଜେଡିର ମିଶ୍ରଣ ପର୍ବ । ବିଜେଡି ପ୍ରାର୍ଥୀ ଦୀପାଳି ଦାସଙ୍କ ନେତୃତ୍ୱରେ ବିଜେଡିରେ ଯୋଗଦେଇଛନ୍ତି ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୁଖୀ କାର୍ଯ୍ୟ ଓ ସ୍ୱର୍ଗତ ନବଦାସଙ୍କ ଲୋକପ୍ରିୟତା ପାଇଁ ସମସ୍ତେ ବିଜେଡିରେ ସାମିଲ ହୋଇଛନ୍ତି । କୁମୁଡାପାଲିସ୍ଥିତ ମାଆ ଦୁର୍ଗାଙ୍କ ମନ୍ଦିରରେ ଦର୍ଶନ କରିବାପରେ ଗ୍ରାମବାସୀଙ୍କ ସହ ଆଲୋଚ଼ନା କରିଥିଲେ ଦୀପାଳି କ୍ଷ ପ୍ରାର୍ଥିପତ୍ର ଯାଞ୍ଚ ପରେ ଘରକୁ ଘର ବୁଲି ଜନତାଙ୍କ ଆଶୀର୍ବାଦ ମାଗିବେ ବୋଲି ଦୀପାଳି କହିଛନ୍ତି ।

### ନାସିକରେ ୨୦ରୁ ଅଧିକ ବିଲ୍ଡରଙ୍କ ଘର ଏବଂ କାର୍ଯ୍ୟାଳୟ ଉପରେ ଆୟକର ବିଭାଗର ଚଢ଼ଉ

ମୁମ୍ବାଇ, ୨୦।୪(ପି.ଏନ): ନାସିକରେ ୨୦ରୁ ଅଧିକ ବିଲ୍ଡରଙ୍କ ଘର ଏବଂ କାର୍ଯ୍ୟାଳୟ ଉପରେ ଆୟକର ବିଭାଗର ଟିମ୍ ଚଢ଼ଉ କରିଛି । ଗୁରୁବାର ଭୋର୍ ୫ଟା ଠାରୁ ଏହି ଚଢ଼ଉ ଜାରୀ ରହିଛି । ଏହି ଚଢ଼ଉରେ ମୁମ୍ବାଇ, ଛତ୍ରପତି ସଂଭାଜୀନଗର, ପୁଣେ ଏବଂ ନାସିକ ଜିଲ୍ଲାର ଆୟକର ବିଭାଗର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଅଧିକାରୀ ଏବଂ କର୍ମଚାରୀ ସାମିଲ୍ ହୋଇଛନ୍ତି । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ ।

### ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପରିବାରର ସୁରକ୍ଷାକୁ ନେଇ ଉତରାଖଣ୍ଡ ପୋଲିସ ସତର୍କ

ଋଷିକେଶ, ୨୦।୪(ପି.ଏନ): ପ୍ରୟାଗରାଜରେ ମାଫିଆ ଅତିକ ଅହମ୍ମଦ ଏବଂ ତା'ର ଭାଇ ଅଶରଫଙ୍କୁ ହତ୍ୟା ପରେ ଉତରପ୍ରଦେଶରେ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ସଦସ୍ୟ ମାନଙ୍କର ସୁରକ୍ଷା ବଢାଇ ଦିଆଯାଇଛି । ଏହି କ୍ରମରେ ଉତରାଖଣ୍ଡର ପୌଢ଼ି ଗଢ଼ୱାଲର ଯମକେଶ୍ୱର ପ୍ରଖଣ୍ଡ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ପୈତୃକ ଗ୍ରାମ ପଂଚୁରରେ ରହୁଥିବା ପରିବାର ସଦସ୍ୟଙ୍କ ସୁରକ୍ଷାକୁ ନେଇ ମଧ୍ୟ ପ୍ରଦେଶର ପୋଲିସ ପ୍ରଶାସନ ସତର୍କ ରହିଛି । ପୂର୍ବରୁ ରାଜସ୍ୱ କ୍ଷେତ୍ରରେ ସାମିଲ୍ ଥିବା ଏହି ଗ୍ରାମ ଏବଂ ପ୍ରଖଣ୍ଡକୁ ଏବେ ରେଗୁଲାର ପୋଲିସର ଅଧିକାର କ୍ଷେତ୍ରରେ ସାମିଲ୍ କରାଯାଇଛି । ଯମକେଶ୍ୱରକୁ ଥାନା କରାଯାଇଛି । ଏଠାରେ ମୁତୟନ ଥିବା ପୋଲିସକୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ୨୫ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ ଜିଲ୍ଲାପାଳ ! ହାଇକୋର୍ଟଙ୍କ ନିର୍ଦ୍ଦେଶରେ ରୁଜୁ ହେଲା ମାମଲା

ଭୁବନେଶ୍ୱର,୨୦।୪(ପି.ଏନ): ନୟାଗଡ ଜିଲ୍ଲାପାଳ ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି। ଲକ୍ଷେ କି ଦୁଇ ଲକ୍ଷ ନୁହେଁ, ୨୫ ଲକ୍ଷ ଟଙ୍କା ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି। ଖଣି ଲିଜ୍‌ଧାରୀ ଏନେଇ ଅଭିଯୋଗ କରିବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଚ଼ାନ୍ଦପୁର ଥାନା ପୁଲିସ ଜିଲ୍ଲାପାଳଙ୍କ ସମେତ ୪ ଜଣଙ୍କ ନାଁରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚ଼ଳାଇଛି। ତେବେ ଏପରି ଅଭିଯୋଗକୁ ଜିଲ୍ଲାପାଳ ଖଣ୍ଡନ କରିଛନ୍ତି ।ଅଭିଯୋଗରୁ ପ୍ରକାଶ, ଜାନୁଆରୀ ୨୬ ତାରିଖରେ ନୟାଗଡ଼ ଜିଲ୍ଲାପାଳ ରବୀନ୍ଦ୍ରନାଥ ସାହୁ ମାନ୍ଧାତା ମୟୂରଝାଲିଆ ମାଙ୍କଡା ପଥର ଖଣି ଅଞ୍ଚଳ ପରିଦର୍ଶନରେ ଯାଇଥିଲେ। ତାଙ୍କ ସହିତ ବଜ୍ରକୋଟ ଗାଁର ଦିଲ୍ଲୀପ କୁମାର ସାମନ୍ତରାୟ, ଓସ୍ତାପଡାର ଦୀପକ କୁମାର ରାଉତରାୟ ଓ ଚ଼ମ୍ପାଗଡ଼ ଗ୍ରାମର ଗଣେଶ୍ୱର ମାନ୍ଧାତା ଯାଇଥିଲେ। ସେହି ସମୟରେ ଖଣି ଲିଜଧାରୀ ସୁଶାନ୍ତ କୁମାର ବରାଡଙ୍କୁ ଜିଲ୍ଲାପାଳ ୨୫ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା।



# ପ୍ରଚ଼ଣ୍ଡ ରୌଦ୍ର ତାପରେ ଅସ୍ତବ୍ୟସ୍ତ ଜନଜୀବନ, ୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ



କମିବାର ନାଁ ନେଉନି ତାତି। ପ୍ରଚ଼ଣ୍ଡ ରୌଦ୍ର ତାପରେ ଅସ୍ତବ୍ୟସ୍ତ ଜନଜୀବନ। ଏହା ଉପରେ ପୁଣି ହିଟ୍? ୱେଭ ୱାର୍ଣ୍ଣିଂ। ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ୧୨ ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ସତର୍କତା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ୪ ଜିଲ୍ଲା ଯଥା- କଟକ, ଖୋର୍ଦ୍ଧା, ମୟୂରଭଞ୍ଜ ଓ ଝାରସୁଗୁଡା ପାଇଁ ଜାରି ହୋଇଛି ଅରେଞ୍ଜ ୱାର୍ଣ୍ଣିଂ। ସେହିପରି ୮ ଜିଲ୍ଲା ବଲାଙ୍ଗୀର, ସୁନ୍ଦରଗଡ, କେନ୍ଦୁଝର, ଦେବଗଡ ସମ୍ବଲପୁର, ସୋନପୁର, ବୌଦ୍ଧ ଓ ଅନୁଗୋଳ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଗାମୀ ୩୬ ଘଣ୍ଟା ମଧ୍ୟରେ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନଥିବା ବେଳେ ପରବର୍ତ୍ତୀ ସମୟରେ ରାଜ୍ୟର ଅନେକ ସ୍ଥାନରେ ୨ରୁ ୪ ଡିଗ୍ରୀ ଯାଏଁ କମିବାର ସମ୍ଭାବନା ଥିବା ପାଣିପାଗ ବିଭାଗ ସୂଚ଼ନା ଦେଇଛି ।ଭୁବନେଶ୍ୱର ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍? ଅନୁସାରେ ଆଜି ଉତ୍ତପ୍ତ ସହର ହେଉଛି ବୌଦ୍ଧ। ଏଠାରେ ଆଜିର ତାପମାତ୍ରା ୪୩.୯ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱରରେ ୪୩.୨ ଡିଗ୍ରୀ, ତାଳଚେରରେ ୪୩.୦ ଡିଗ୍ରୀ, କେନ୍ଦ୍ରାପଡାରେ ୪୩.୦ ଡିଗ୍ରୀ, ଝାରସୁଗୁଡାରେ ୪୨.୮ ଡିଗ୍ରୀ, ମାଲକାନଗିରିରେ ୪୨.୬ ଡିଗ୍ରୀ, ଅନୁଗୋଳରେ ୪୨.୧ ଡିଗ୍ରୀ, ନୂଆପଡାରେ ୪୨.୦ ଡିଗ୍ରୀ, ବଲାଙ୍ଗିରରେ ୪୨.୦ ଡିଗ୍ରୀ, ଭବାନୀପାଟଣାରେ ୪୨.୦ ଡିଗ୍ରୀ, କଟକରେ ୪୨.୦ ଡିଗ୍ରୀ, ଢେଙ୍କାନାଳରେ ୪୧.୯ ଡିଗ୍ରୀ, ଚ଼ାନ୍ଦବାଲିରେ ୪୧.୮ ଡିଗ୍ରୀ, ଜଗତସିଂହପୁରରେ ୪୧.୬ ଡିଗ୍ରୀ, ଖୋର୍ଦ୍ଧାରେ ୪୧.୫ ଡିଗ୍ରୀ, ସମ୍ବଲପୁରରେ ୪୧.୪ ଡିଗ୍ରୀ, ବାଲେଶ୍ୱରରେ ୪୧.୧ ଡିଗ୍ରୀ, ଟିଟିଲାଗଡରେ ୪୧.୦ ଡିଗ୍ରୀ ଓ ସୁନ୍ଦରଗଡରେ ତାପମାତ୍ରା ୪୧.୦ ଡିଗ୍ରୀ ରେକର୍ଡ କରାଯାଇଛି।

## ଆତଙ୍କୀ ହମଲା ପରେ ସେନା ଟ୍ରକ୍‌ରେ ଲାଗିଥିଲା ନିଆଁ, ୫ ଯବାନ ସହିଦ

ନୂଆଦିଲ୍ଲୀ,୨୦।୪(ପି.ଏନ): ଜମ୍ମୁ-କଶ୍ମୀରର ପୁଞ୍ଚରେ ସେନା ଟ୍ରକ୍‌ରେ ଆପେଆପେ ଜଳି ନଥିଲା। ଆତଙ୍କବାଦୀମାନେ ହିଁ ହମଲା କରିବା ପରେ ସେନା ଟ୍ରକ୍‌ରେ ନିଆଁ ଲାଗି ଯାଇଥିଲା। ଏହି ହମଲାରେ ୫ ଜଣ ଯବାନ ସହିଦ ହୋଇଛନ୍ତି। ଆତଙ୍କବାଦୀମାନେ ବର୍ଷା ଓ ଲୋ ଭିଜିବିଲିଟିର ସୁଯୋଗ ନେଇ ହମଲା କରିଥିଲେ। ସମ୍ଭବତଃ ଗ୍ରେନେଡର ମଧ୍ୟ ବ୍ୟବହାର ହୋଇଥିବା ଯାଞ୍ଚ ପରେ ସେନା ପକ୍ଷରୁ କୁହାଯାଇଛି। ପାକିସ୍ତାନରେ ସକ୍ରିୟ ଜୈଶ-ଇ-ମହମ୍ମଦ ଦ୍ୱାରା ପରିଚ଼ାଳିତ ପିପୁଲ୍ସ ଆଣ୍ଟି ଫାଶିଷ୍ଟ ଫ୍ରଣ୍ଟ(ପିଏଏଫଏଫ) ଏହି ହମଲା ପାଇଁ ନିଜକୁ ଦାୟୀ କରିଛି। ସ୍ଥାନୀୟ ଅଞ୍ଚଳରେ ଆତଙ୍କୀ ନିରୋଧ ଅପରେସନରେ ସାମିଲ ହୋଇଥିବା ରାଷ୍ଟ୍ରୀୟ ରାଇଫଲ୍ସର ଯବାନମାନଙ୍କୁ ଟାର୍ଗେଟ କରି ହିଁ ଏପରି ହମଲା ହୋଇଛି। ସେନା ପକ୍ଷରୁ କୁହାଯାଇଛି ଯେ ଭିମ୍ବେର ଗଳି ଅଞ୍ଚଳ ଅତିକ୍ରମ କରୁଥିବା ବେଳେ ଆର୍ମି ଯବାନଙ୍କ ଟ୍ରକ୍‌କୁ ଟାର୍ଗେଟ କରି ଆତଙ୍କବାଦୀମାନେ ପ୍ରଥମେ ଗୁଳିମାଡ କରିଥିଲେ। ଆତଙ୍କବାଦୀମାନେ ଲଗାଣ ବର୍ଷା ଓ ଲୋ ଭିଜିବିଲିଟିର ସେନା ଟ୍ରକ୍ ଉପରେ ହମଲା କରିଥିଲେ। ଗ୍ରେନେଡ ମଧ୍ୟ ମାଡ କରିଥିବା ଅନୁମାନ କରାଯାଉଛି।



## ସବରେଜିଷ୍ଟାର କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢାଉକୁ ନେଇ ଚର୍ଚ୍ଚା

ପୁରୀ, ୨୦।୪(ପି.ଏନ): ଗତକାଲି ବୁଧବାର ଅପରାହ୍ନରେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ପକ୍ଷରୁ ପୁରୀ ସବରେଜିଷ୍ଟାର ଅଫିସରେ ଚଢାଉ କରାଯାଇ ମୁଖ୍ୟ କିରାଣି ରଘୁନାଥ ବିଶୋଇଙ୍କୁ ଲାଂଚ ନେଉଥିବା ସମୟରେ ଧରା ପଡ଼ିଥିଲେ। ପରେ ଭିଜିଲାନ୍ସ ଥାନା ପକ୍ଷରୁ ୧୦/୨୩ରେ ମାମଲା ରୁଜୁ କରାଯାଇ ଶ୍ରୀ ବିଶୋଇଙ୍କୁ ଗିରଫ କରାଯାଇଥିଲା । ସନ୍ତୋଷ ବିନ୍ଧାଣି ନାମକ ଜୈନିକ ବ୍ୟକ୍ତିଙ୍କ ଠାରୁ କ୍ଷମତାପତ୍ର ଦେବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ । ଏହି ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ରସାୟନିକ ପ୍ରଲେପ ବୋଳା ଯାଇଥିବା ଟଙ୍କାକୁ ଶ୍ରୀ ବିଶୋଇ ଗ୍ରହଣ କରିବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ହାତରେ ପାଣି ମାରିବାରୁ ତାହା ନାଲି ରଙ୍ଗ ବାହାରିଥିଲା । ସାକ୍ଷୀମାନଙ୍କ ସମ୍ମୁଖରେ ଟଙ୍କା ନେବା ପ୍ରମାଣ ମିଳିବାରୁ ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ ବିଶୋଇଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଥାନାକୁ ଉଠାଇ ନେଇଥିଲେ । ତାଙ୍କ ଆୟ ବର୍ହିଭୂତ ସଂପତି ୧ କୋଟିରୁ ଅଧିକ ହେବ ବୋଲି କଚେରି ଛକରେ ଆଇନଜୀବୀମାନେ ଆଲୋଚନା କରୁଛନ୍ତି । ପୂର୍ବରୁ ବହୁ ଜମି କାରବାରରେ ଭୁଲ ଭଟକା ଦେଖାଇ ଲକ୍ଷାଧିକ ଟଙ୍କା ଅନୈତିକ ଉପାୟରେ ଗ୍ରହଣ କରୁଥିବା ଅଭିଯୋଗ ହେଉଥିଲା । ଶ୍ରୀ ବିଶୋଇଙ୍କୁ ଭିଜିଲାନ୍ସ ଧରିବା ପରେ ପାଖରେ ଥିବା ଅନ୍ୟ ଅଫିସରେ କାର୍ଯ୍ୟରତ କର୍ମଚାରଙ୍କ ମଧ୍ୟରେ ଛନକା ପସିଛି । ସେହି ଅଫିସ ନିକଟରେ ଥିବା ରାଜପଥ କ୍ଷତି ପୂରଣ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଅଧିକାରୀ ଖୁବ କମ ସମୟରେ ଅଧିକ ଲାଂଚ ଗ୍ରହଣ କରୁଥିବା ଆଇନଜୀବୀମାନେ ଆଲୋଚନା କରୁଛନ୍ତି । ଦୀର୍ଘ ବର୍ଷଧରି ସେହି ଅଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି । ଟଙ୍କା ଗ୍ରହଣ କରୁଥିବା ଅଧସ୍ତନ କର୍ମଚାରୀମାନେ ଭିଜିଲାନ୍ସ ହାତରେ ଧରା ପଡୁଥିବା ବେଳେ ମୁଖ୍ୟ ଅଧିକାରୀମାନେ ଖସି ଯାଉଥିବା ଆଲୋଚନା ହେଉଛି । ନିକଟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜୈନିକ କର୍ମଚାରୀ ୫୦ ହଜାର ଟଙ୍କା ଲାଂଚ ଗ୍ରହଣ କରି ଗିରଫ ହୋଇଥିଲେ । ବିଭିନ୍ନ କାର୍ଯ୍ୟାଳୟରେ ସରକାରୀ କର୍ମଚାରୀମାନେ ଲାଞ୍ଚ ନେଇ ଗିରଫ ହେଉଥିବା ବେଳେ ଦୁର୍ନିତୀର ମୂଳ ଉତ୍ପାଟନ ହୋଇ ପାରୁନଥିବା ଆଲୋଚନା ହେଉଛି ।

## ଗୋଲ୍ଡେନ ଲ୍ୟାଣ୍ଡ କମ୍ପାନୀର ଜମି ଉପରେ ବେଆଇନ ପ୍ଲଟିଂ ଯୋଜନା

ଗଞ୍ଜାମ, ୨୦।୪(ପି.ଏନ): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଥାନା ଅଧିନ ପୋଚିଲିମା ଓ ନିକଟବର୍ତି ଅଂଚଳରେ ଥିବା ଗୋଲ୍ଡେନ ଲ୍ୟାଣ୍ଡ କମ୍ପାନୀର ଜମି ଉପରେ ବେଆଇନ ପ୍ଲଟିଂ ପାଇଁ ଯୋଜନା ହେଉଥିବା ହିଞ୍ଜିଳିକାଟୁ ଜମାକାରୀ ମଂଚ ଅଭିଯୋଗ କରିଛି । ଏହି ମର୍ମରେ ଜମାକାରୀ ମାନେ ଥାନା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ଗଞ୍ଜାମ ଏସପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଅଭିଯୋଗ ହେଉଛି ଏ ସମସ୍ତ ଜମିକୁ ଚିଟଫଣ୍ଡ ସଂସ୍ଥା ଗୋଲ୍ଡେନ ଲ୍ୟାଣ୍ଡ କମ୍ପାନୀ କ୍ରୟ କରିଥିଲା । ଏହି କମ୍ପାନୀରେ ସହଶ୍ରାଧିକ ଜମାକାରୀ ସେମାନଙ୍କର କଷ୍ଟଅର୍ଜିତ ପୁଞ୍ଜି ଜମା କରିଥିବା ବେଳେ ଏଯାଏଁ ମ୍ୟାଚୁରିଟି ରାଶି ପାଇନାହାଁନ୍ତି । ଏଭଳି ପରିସ୍ଥିତିରେ ହିଞ୍ଜିଳିକାଟୁ ଅଂଚଳର କିଛି ଜମି ମାଫିଆଙ୍କ ସହାୟତାରେ ଜମିରେ ବେଆଇନ ଭାବେ ପ୍ଲଟିଂ ପାଇଁ ଯୋଜନା ଚାଲିଛି । ଜଣେ ବ୍ୟକ୍ତି ନିଜକୁ କମ୍ପାନୀର ନିର୍ଦ୍ଦେଶକ ବୋଲି କହି ମାଫିଆ ମାନଙ୍କ ସହ ହାତ ମିଳାଇଛି । ତେବେ ସରକାରୀ ବେଂଚମାର୍କ ଭ୍ୟାଲ୍ୟୁଏସନ ଅନୁସାରେ ଯଦି ଜମି ବିକ୍ରି ହୁଏ, ତାହାଲେ ଜମାକାରୀ ନିଜର ଜମାରାଶି ଫେରିପାଇବେ ନାହିଁ । କାରଣ ମାର୍କେଟ ଭ୍ୟାଲ୍ୟୁଏସନ ଠାରୁ ବେଂଚମାର୍କ ଭ୍ୟାଲ୍ୟୁଏସନ ବହୁତ କମ୍ ଥାଏ । ଏଣୁ ଜମାକାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ଜମିକୁ ଖୋଲା ନିଲାମରେ ବିକ୍ରୀ କରି ଜମାକାରୀଙ୍କ ଜମା ଟଙ୍କା ଫେରସ୍ତ କରିବାକୁ ମଂଚ ଦାବି କରିଛି ।

## ବଦ୍ରିନାଥ ଧାମରେ ଭୀଷଣ ବରଫପାତ

ଯୋଶୀମଠ, ୨୦।୪(ପି.ଏନ): ବୁଧବାର ସଂନ୍ଧ୍ୟାରେ ଆରମ୍ଭ ହୋଇଥିବା ବର୍ଷା ପରେ ଶ୍ରୀ ବଦ୍ରିନାଥ ଧାମ, ହେମକୁଣ୍ଡ ସାହିବ - ଲୋକପାଳ ସହିତ ନୀତି-ମାଣା ଘାଟିଗୁଡିକରେ ଭୀଷଣ ବରଫପାତ ହୋଇଛି । ଫଳରେ ସମ୍ପୂର୍ଣ୍ଣ ସୀମାବର୍ତି ଅଂଚଳରେ ପୁଣି ଥରେ ଥଣ୍ଡା ଆରମ୍ଭ ହୋଇଯାଇଛି । ଶ୍ରୀ ବଦ୍ରିନାଥ ଧାମର କବାଟ ୨୭ ଅପ୍ରେଲରେ ଖୋଲିବ । ଏଣୁ ମାଷ୍ଟର ପ୍ଲାନ୍ ଅନୁସାରେ ବଦ୍ରି- କେଦାର ମନ୍ଦିର ସମିତି ଏବଂ ନଗର ପଂଚାୟତର ଅଗ୍ରୀମ ଟିମ୍ କବାଟ ଖୋଲିବା ପୂର୍ବରୁ ସମସ୍ତ ପ୍ରସ୍ତୁତିରେ ଲାଗି ପଡିଥିଲେ । ତେବେ ଭୀଷଣ ବରଫପାତ ଯୋଗୁଁ ଏହି କାର୍ଯ୍ୟକୁ ସମୟ ପୂର୍ବରୁ ସମ୍ପୂର୍ଣ୍ଣ କରିବା ଏବେ ଚ୍ୟାଲେଞ୍ଜ ସଦୃଶ ହୋଇଛି ।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## 'ବବି ଜାସୁସ୍'ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ 'ବବି ଜାସୁସ୍'। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

# ପୁରାଣ କାହାଣୀ

## ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ୍' ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ

ବାଲେଶ୍ୱର (ପିଏନ୍)- ଗତକାଲି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମାନ୍ୟବର ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ଅନନ୍ତ ଦାସ, ମାନ୍ୟବର ବାଲେଶ୍ୱର ଲୋକସଭା ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମାନ୍ୟବର ଜଳେଶ୍ୱର ବିଧାୟକ ଶ୍ରୀ ଅଶ୍ୱିନୀ ପାତ୍ର, ମାନ୍ୟବର ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ମାନ୍ୟବର ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡା, ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ଜିଲ୍ଲା ପରିଷଦ ସଭାପତି ଶ୍ରୀ ନାରାୟଣ ପ୍ରଧାନ ପ୍ରମୁଖ ଏଥିରେ ଯୋଗ ଦେଇଥିବା ବେଳେ ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହିତ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ କରାଯାଇଥିବା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକ ୨୦୨୧-୨୨ ଆର୍ଥିକ ବର୍ଷରେ ୟାସ୍ ବାତ୍ୟା, କୋଭିଡ୍,ବଜ୍ରପାତ,ସାପକାମୁଡା ପ୍ରଭୃତି ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ବ୍ୟକ୍ତି, ହୋଇଥିବା କ୍ଷୟକ୍ଷତି ଓ ପ୍ରଦାନ କରାଯାଇଥିବା କ୍ଷତିପୂରଣ ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ । ଏହା ପରେ ଆଗାମୀ ବର୍ଷା ଋତୁ ଓ ମୌସୁମୀକୁ ଆଖି ଆଗରେ ରଖି ଜିଲ୍ଲାକୁ କିପରି ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରାଯାଇପାରିବ ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିରେ ଦୁର୍ବଳ ନଦୀବନ୍ଧ ଚିହ୍ନଟ ଏବଂ ମରାମତି, ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥାର ସୁପରିଚାଳନା , କେନାଲ ମରାମତି ପ୍ରଭୃତି ଉପରେ ମାନ୍ୟବର ସାଂସଦ, ବିଧାୟକଙ୍କ ସମେତ ଉପସ୍ଥିତ ସଦସ୍ୟମାନେ ନିଜ ନିଜର ମତାମତ ରଖିଥିଲେ । ବନ୍ୟାଜଳ ଅବାଧରେ ଯେପରି ନିଷ୍କାସନ ହୋଇପାରିବ ସେଥିପାଇଁ ଆଗୁଆ ପଦକ୍ଷେପ ନେବା ସହ ବନ୍ୟାପ୍ରବଣ ଜାଗାରେ ବାଲିବସ୍ତା ପକାଇବାକୁ ଜଳସେଚନ ବିଭାଗ ଓ ଡ୍ରେନେଜ ବିଭାଗକୁ କୁହାଯାଇଥିଲା । ଯେଉଁସବୁ ସ୍ଥାନରେ ପଥର ପ୍ୟାଚିଂ କାମ ଚାଲିଛି ତାହା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଗୃହରେ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ସେହିପରି ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ କୌଣସି ଟାଳଟୁଳ ନୀତି ଅବଲମ୍ବନ ନ କରି ଏ ଦିଗରେ ଦୃଢ ପଦକ୍ଷେପ ନେବାକୁ ମାନ୍ୟବର ମନ୍ତ୍ରୀ,ସାଂସଦ ଓ ବିଧାୟକମାନେ ଜୋର୍ ଦେଇଥିଲେ । ବୃଷ୍ଟିପାତର ସଠିକ୍ ମାପ ସହ ନିୟମିତ ରିପୋର୍ଟ ପ୍ରଦାନ ପାଇଁ ବିଡିଓମାନଙ୍କୁ କୁହାଯାଇଥିଲା । ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ପ୍ରଦାନ ପାଇଁ ସମ୍ପୃକ୍ତ ବ୍ଲକର ବିଡିଓ ଓ ତହସିଲଦାର ମାନଙ୍କୁ ଜୋନ ଅଧିକାରୀ-୧ ଓ ଜୋନ ଅଧିକାରୀ-୨ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ପାଣିପାଗ ବିଭାଗ ଓ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସତର୍କ ସୂଚନା ଯେଭଳି ଲୋକଙ୍କ ପାଖରେ ଠିକ୍ ସମୟରେ ପହଂଚିପାରିବ ତାହାର ବ୍ୟବସ୍ଥା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିପର୍ଯ୍ୟୟ ସମୟରେ ଟେଲିଫୋନ୍ ଓ ମୋବାଇଲ ସେବା ଯେଭଳି ଠପ୍ ପଡି ନ ଯାଏ ତା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା । ଜିଲ୍ଲାର ବିଭିନ୍ନ ବନ୍ୟାପ୍ରବଣ ସ୍ଥାନରେ ଏବେ ୩୭ଟି ସରକାରୀ ପାୱାର୍ ବୋଟ୍ ମୁତୟନ ହୋଇଥିବା ବେଳେ ଘରୋଇ ଦେଶୀ ଓ ମୋଟର ବୋଟ ସମ୍ବନ୍ଧରେ ସୂଚନା ବିଭାଗୀୟ ଅଧିକାରୀ ଆସନ୍ତା ମେ ୩୧ତାରିଖ ସୁଦ୍ଧା ଜିଲ୍ଲା କାର୍ଯ୍ୟାଳୟକୁ ଜଣାଇବେ । ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟରେ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ କାର୍ଯ୍ୟ କରିବ । ବର୍ତ୍ତମାନ ଜିଲ୍ଲାରେ ୧୧୨ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଏବଂ ୨୮ଟି ବନ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟ କରୁଛି । ସେଗୁଡିକରେ ଆବଶ୍ୟକ ସରଞ୍ଜାମ ରହିଛି କି ନାହିଁ ତାହାର ମିଳିତ ତଦନ୍ତ କରି ରିପୋର୍ଟ ଦେବା ପାଇଁ କୁହାଯାଇଛି । ଯେଉଁସବୁ ଆଶ୍ରୟସ୍ଥଳୀରେ ବିଦ୍ୟୁତ ବ୍ୟବସ୍ଥା ନାହିଁ ସେଠାରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦେବାକୁ କୁହାଯାଇଛି । ଆବଶ୍ୟକସ୍ଥଳେ ଅନ୍ୟାନ୍ୟ ସୁରକ୍ଷିତ ପକ୍କା ଗୃହକୁ ମଧ୍ୟ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରିବାକୁ ଚିହ୍ନଟ କରାଯାଇଛି । ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଭି.ଏଚ.ଏଫ୍. ସେଟ୍ ଉପଲବଧ ଥିବା ବେଳେ ତାହାର ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବାକୁ ବିଡିଓମାନଙ୍କୁ କୁହାଯାଇଛି । ଜିଲ୍ଲାରେ ଯଥେଷ୍ଟ ପରିମାଣରେ ପଲିଥିନ୍, ଶୁଖିଲା ଖାଦ୍ୟସାମଗ୍ରୀ, ଚୂଡା, ଗୁଡ, କିରାସିନି ଇତ୍ୟାଦ ମହଜୁଦ୍ ରଖିବାକୁ ବିଡିଓ, ତହସିଲଦାର ଓ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିପର୍ଯ୍ୟୟ ସମୟରେ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ଔଷଧ, ଔଷଧ କିଟ, କର୍ମଚାରୀଙ୍କୁ ସଜାଗ ରଖିବା ସହ ସାପକାମୁଡା ଇଞ୍ଜେକସନ, ହଇଜା ଓ ମ୍ୟାଲେରିଆ ମୁକାବିଲା ପାଇଁ ଓ.ଆର.ଏସ., ହେଲୋଜିନ, ବ୍ଲିଚିଂ, ଥଣ୍ଡା, କାଶ ଭଳି ରୋଗ ପାଇଁ ଔଷଧ ଆଗୁଆ ବିଭିନ୍ନ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ରରେ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ କୁହାଯାଇଛି । ଜିଲ୍ଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଖରାଦିନ ପାଇଁ ନଳକୂପ ମରାମତି ସହ ପ୍ରସ୍ତାବିତ ନୂତନ ନଳକୂପ କାମ ତୁରନ୍ତ ଆରମ୍ଭ କରିବା ଏବଂ ଜଳକ୍ଲିଷ୍ଟ ସ୍ଥାନମାନଙ୍କ ପାଇଁ ଟ୍ୟାଙ୍କରରେ ଜଳଯୋଗାଣ ବ୍ୟବସ୍ଥା କରିବା ଏବଂ ବନ୍ୟା, ବାତ୍ୟା ସମୟରେ ଅନୁରୂପଭାବେ ପାନୀୟ ଜଳଯୋଗାଣ ସୂଚାରୁ ରୂପେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ପ୍ରାଣୀଧନ ଚିକିତ୍ସା ବିଭାଗ ଗୃହପାଳିତ ଓ ଅନ୍ୟ ପଶୁପକ୍ଷୀଙ୍କ ପାଇଁ ଚିକିତ୍ସାସେବା ଯୋଗାଇଦେବାକୁ କୁହାଯାଇଛି । କୃଷି ବିଭାଗ ତରଫରୁ ସମନ୍ୱିତ ଯୋଜନା ପ୍ରସ୍ତୁତ କରି ବନ୍ୟାବାତ୍ୟା ପ୍ରଭାବିତ କୃଷିର ଭରଣା, ବିହନ ଓ ସାର ଯୋଗାଣ ସହାୟତା ପାଇଁ ପଦକ୍ଷେପ ନେବେ । ରିଲିଫ୍ ଯୋଗାଣ ସମୟରେ ଆବଶ୍ୟକ ଯାନବାହାନ ଯୋଗାଇ ଦେବାକୁ ଆଂଚଳିକ ପରିବହନ ଅଧିକାରୀଙ୍କୁ କୁହାଯାଇଛି । ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ବେଳେ ପୋଲିସ ତରଫରୁ ରିଲିଫ୍ ସାମଗ୍ରୀର ସୁରକ୍ଷା ପାଇଁ ପୋଲିସ ମୁତୟନ କରିବା ସହ ବାଲେଶ୍ୱରଠାରେ ଓଡ୍ରାଫ ଏବଂ ଏନ.ଡି.ଆର.ଏଫ୍. ଟିମ ମୁତୟନ କରିବା ବନ୍ଦୋବସ୍ତ କରାଯିବ । ଏଥିସହିତ ଜିଲ୍ଲାରେ ହେଲିପ୍ୟାଡ ଓ ଏୟାରଷ୍ଟ୍ରିପ ଚିହ୍ନଟ କରି ତାର ସଠିକ ଅବସ୍ଥିତି, ଅକ୍ଷାଂଶ ଓ ଦ୍ରାଘିମା ସୂଚୀତ କରି ରାଜ୍ୟ କାର୍ଯ୍ୟାଳୟକୁ ଜଣାଇବା ଏବଂ ବନ୍ୟାଜନିତ ରିପୋର୍ଟ ନିୟମିତଭାବେ ପ୍ରେରଣ କରିବା ପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ କୁହାଯାଇଛି । ଜରୁରୀ ପରିସ୍ଥିତିବେଳେ ସ୍ଥାନୀୟ ଅଂଚଳରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହଯୋଗ ନିଆଯିବା ସହ ସେମାନଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି । ବନ୍ୟା ବାତ୍ୟା ସମ୍ପର୍କିତ ସୂଚନା ପାଇଁ ବାଲେଶ୍ୱରରେ ଡପଲାର୍ ରାଡାର୍ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ମିଳିବା ସହ ଏଥିପାଇଁ ଆବଶ୍ୟକୀୟ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ରାଡାର ପ୍ରତିଷ୍ଠାରେ ବିଳମ୍ବକୁ ନେଇ ଗୃହରେ ଉଦବେଗ ପ୍ରକାଶ ପାଇଥିଲା । ପାଣିପାଗ ବିଭାଗ ସହ ଯୋଗାଯୋଗ ରକ୍ଷା କରି ଏହା ସ୍ଥାପନ କରିବାକୁ ପଦକ୍ଷେପ ନେବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ କୁନାଲ ଚୌହାନ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ମଂଚାସୀନ ଥିବା ବେଳେ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ପୌରାଂଚଳ ଅଧ୍ୟକ୍ଷ, ନିର୍ବାହୀ ଅଧିକାରୀ, ଲାଇନ ଡିପାର୍ଟମେଂଟ ଅଧିକାରୀଗଣ,ଅଗ୍ନିଶମ ବିଭାଗ,ଓଡ୍ରାଫ୍, ଏନଡିଆରଏଫ୍ର ପ୍ରତିନିଧିଗଣ ଯୋଗ ଦେଇଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



# ଦିବ୍ୟ ମାତା : ମାତା ଈଶ୍ୱରାମ୍ମା





ଯୁଗେ ଯୁଗେ ମହିୟସୀ ମହିଳାମାନେ ଭଗବାନଙ୍କୁ ଗର୍ଭରେ ଧାରଣ କରିବାର ସୁଯୋଗ ପାଇଥାଆନ୍ତି । ଏ ସୁଯୋଗ ନିଜେ ଭଗବାନ ଦେଇଥାନ୍ତି । ଭଗବାନ ସତ୍ୟସାଇ ବାବାଙ୍କ ମାତା ଈଶ୍ୱରାମ୍ମାଙ୍କ ପବିତ୍ର ନାମରୁ ଜଣାଯାଏ ସତେଯେପରି ସେ ଈଶ୍ୱରଙ୍କ ରମା ହେବା ପାଇଁ ସୁଦୂର କର୍ଣ୍ଣୁଲ ଅଞ୍ଚଳର କଲମକୁଣ୍ଟି ଗ୍ରାମରେ ସୁବାରାଜୁଙ୍କ କନ୍ୟା ରୂପେ ଜନ୍ମ ଗ୍ରହଣ କରିଥିଲେ । ସୁବାରାଜୁ ଜଣେ ଧର୍ମ ପରାୟଣ ଶିବଭକ୍ତ ବ୍ୟକ୍ତି ଥିଲେ । ସେ ତାଙ୍କ ଗ୍ରାମରେ ଗୋଟିଏ ଶିବ ମନ୍ଦିର ତିଆରି କରିଥିଲେ ଓ ଝିଅର ନାମ ଈଶ୍ୱରାମ୍ମା ଦେଇଥିଲେ । ଈଶ୍ୱରାମ୍ମା ମଧ ପିଲାଦିନରୁ ଶିବ ଭକ୍ତ ଥିଲେ । ଥରେ ସତ୍ୟସାଇ ବାବାଙ୍କ ଜେଜେ ବାପା କୋଣ୍ଡମା ରାଜୁ ତାଙ୍କର ସମ୍ପର୍କୀୟ ସୁବାରାଜୁଙ୍କ ଗ୍ରାମକୁ ଯାଇ ନିଜ ପୁତ୍ର ଭେଙ୍କପାରାଜୁ ସହିତ ଈଶ୍ୱରାମ୍ମାଙ୍କ ବିବାହ ପ୍ରସ୍ତାବ ଦେବା ସହିତ ଚିତ୍ରାବତୀ ନଦୀ କୂଳରେ ମିଳୁଥିବା ଜମିରୁ କିଛି କିଣି ସେଠାରେ ଘର କରି ରହିବାକୁ ପ୍ରସ୍ତାବ ଦେଲେ । ସୁବାରାଜୁ ଚିତ୍ରାବତୀ ନଦୀ କୂଳରେ ଥିବା କର୍ଣ୍ଣାଟନାଗପଲ୍ଲୀ ଗ୍ରାମରେ ଜମି କିଣି ଘର କରି ରହିଲେ ଓ ଚଉଦବର୍ଷର କନ୍ୟା ଈଶ୍ୱରାମ୍ମା ସହିତ କୋଣ୍ଡମାରାଜୁଙ୍କର ବିବାହ ସମ୍ପର୍ଣ୍ଣ ହେଲା । ବିବାହର ଦୁଇବର୍ଷ ପରେ ପ୍ରଥମ ପୁତ୍ର ଜନ୍ମ ହେଲା । କିଛି ବର୍ଷ ଅନ୍ତରରେ ଆଉ ଦୁଇଟି ଝିଅ ମଧ ଜନ୍ମଲାଭ କଲେ । ସେତେବେଳେ ସୁଦୂର ମଫସଲ ଅଞ୍ଚଳରେ ଡାକ୍ତର ନଥିଲେ କି ଚିକିତ୍ସାର କୌଣସି ସୁବିଧା ନଥିଲା । ଗାଁ ଧାଈଙ୍କ ତତ୍ତ୍ୱାବଧାନରେ ପ୍ରସବକ୍ରିୟା ସମ୍ପାଦିତ ହେଉଥିଲା । ସେ ସମୟରେ ଜନ୍ମ ନିୟନ୍ତ୍ରଣ ବିଷୟରେ କେହି ଚିନ୍ତା କରୁନଥିଲେ । ଗର୍ଭାବସ୍ଥାରେ ଆବଶ୍ୟକୀୟ ବିଶ୍ରାମ ବା ଉତ୍ତମ ଖାଦ୍ୟ ଗ୍ରହଣ ବିଷୟରେ ଭାବୁ ନଥଲେ । ଫଳରେ ତିନିଟି ପିଲା ଜନ୍ମ ପରେ ଈଶ୍ୱରାମ୍ମାଙ୍କର ଆଉ ଚାରିଟି ପିଲା ଗର୍ଭରୁ ନଷ୍ଟ ହୋଇଗଲେ । ସେତେବେଳେ ପୁଟ୍ଟାପର୍ତ୍ତିରେ ଗାଁ ମଝିରେ ଥିବା କୂଅରୁ ବା ଚିତ୍ରାବତୀ ନଦୀରୁ ଜଳ ଆଣି ବ୍ୟବହାର କରାଯାଉଥିଲା । ସାଧାରଣତଃ ମହିଳାମାନେ ରାତି ହେଲା ପରେ ଗାଁ ଦାଣ୍ଡରେ ଥିବା କୂଅରୁ ପାଣି ଆଣୁଥିଲେ । ଦିନେ ରାତିରେ ଈଶ୍ୱରାମ୍ମା କୂଅରୁ ପାଣି ବାହାର କରୁଥିବା ସମୟରେ ନୀଳ ରଙ୍ଗର ଏକ ଉଜ୍ଜ୍ୱଳ ଆଲୋକର ପିଣ୍ଡୁଳା ଆକାଶରୁ ଦ୍ରୁତବେଗରେ ଖସି ଆସି ସେ ଅଞ୍ଚଳକୁ ଆଲୋକିତ କରି ଦେଇ ଈଶ୍ୱରାମ୍ମାଙ୍କ ପେଟରେ ମିଳାଇ ଗଲା ।

ଈଶ୍ୱରାମ୍ମା ଏ ଅପୂର୍ବ ଦୃଶ୍ୟ ସଂଦର୍ଶନ କରି ଭୟଭୀତ ହୋଇ କିଛି ସମୟ ପାଇଁ ସଂଜ୍ଞାହୀନ ହୋଇପଡ଼ିଲେ । କିଛି ଦୂରରେ ଗାଁର କରଣ ସୁବାମ୍ମା ଏ ଦୃଶ୍ୟ ଦେଖୁଥିଲେ । ସେ ଈଶ୍ୱରାମ୍ମାଙ୍କ ନିକଟକୁ ଧାଇଁ ଆସି ତାଙ୍କୁ ଧରି ପକାଇ ସଷ୍ଟାଙ୍ଗ କଲାପରେ କହିଲେ ତମ ଗର୍ଭରେ ଜଣେ ଦିବ୍ୟ ପୁରୁଷ ପ୍ରବେଶ କରିଛନ୍ତି । ଏହାତମ ପାଇଁ ଏକ ସୌଭାଗ୍ୟର ବିଷୟ । ଏହାପରେ ଈଶ୍ୱରାମ୍ମାଙ୍କର ଅଷ୍ଟମ ଗର୍ଭ ସଂଚାରର ସୂଚନା ଜଣାପଡ଼ିଲା । ଗର୍ଭସ୍ଥ ଶିଶୁର ବୃଦ୍ଧି ସହିତ କେତେ ଗୁଡ଼ିଏ ଶୁଭ ସଙ୍କେତ ଜଣାପଡ଼ିଲା । ଈଶ୍ୱରାମ୍ମା ଶୟନ କରିଥିବା କୋଠରୀରେ ଥିବା ବିଭିନ୍ନ ବାଦ୍ୟଯନ୍ତ୍ର ମଧରାତ୍ର ପରେ ସୁମଧୁର ତାନରେ ବାଜି ଉଠିବା କଥା ଶୁଣାଗଲା । ଶୁନ୍‌ସାନ ରାତିରେ ଘନ ଅନ୍ଧକାର ମଧରେ ମନକୁ ମନ ବାଦ୍ୟ ଯନ୍ତ୍ରଗୁଡ଼ିକ ବାଜି ଉଠିବା ଘଟଣା ବିଷୟରେ ପଣ୍ଡିତମାନେ ମତ ଦେଲେ ଯେ ଗର୍ଭସ୍ଥ ଦିବ୍ୟ ଶିଶୁର ଆନନ୍ଦ ପାଇଁ ଦେବତାମାନେ ଏ ଯନ୍ତ୍ର ଗୁଡ଼ିକୁ ବଜାଉଛନ୍ତି । ସୁବାମ୍ମା ଈଶ୍ୱରାମ୍ମାଙ୍କ ଯତ୍ନ ନେଉଥାଆନ୍ତି । ବିନା ବାଧାବିଘ୍ନରେ ଦିନ ଗଡ଼ି ଚାଲିଥାଏ । ସାମାନ୍ୟ ଗର୍ଭ ବେଦନା ପରେ ଶିଶୁପୁତ୍ର ଜନ୍ମ ଲାଭ କଲା । ସେଦିନ ଥାଏ କାର୍ତ୍ତିକ ମାସ ସୋମବାର ରାତ୍ରି ଶେଷ ଘ୫.୦୬ ମି ସମୟ, ନଭେମ୍ବର ୨୩ ତାରିଖ ୧୯୨୬ ମସିହା ଓ ଆଦ୍ରା ନକ୍ଷତ୍ର । ଶିଶୁ ଜନ୍ମ ପୂର୍ବରୁ ଈଶ୍ୱରାମ୍ମାଙ୍କ ଶାଶୁ ସତ୍ୟନାରାୟଣ ପୂଜା କରିବାକୁ ଯାଇଥାଆନ୍ତି । ସୁବାମ୍ମା ଜନ୍ମ ସମୟରେ ଏନ୍ତୁଡ଼ିଶାଳରେ ରହି ଜନ୍ମିତ ଶିଶୁର ହସ ହସ ମୁହଁକୁ ଦେଖି ସତ୍ୟନାରାୟଣ ନାମ କରଣ କଲେ । ମାତା ଈଶ୍ୱରାମ୍ମା, ସୁବାମ୍ମା ଓ ଅନ୍ୟାନ୍ୟ ମହିଳା ମାନଙ୍କ ସେବାଯତ୍ନରେ ସତ୍ୟନାରାୟଣଙ୍କ ଶାରୀରିକ ବୃଦ୍ଧି ସହିତ ଦିନକୁ ଦିନ ଦେବତ୍ୱର ପରିପ୍ରକାଶ ହେଲା । ସତ୍ୟ ନଅ ମାସର ଶିଶୁ ହୋଇଥିବା ସମୟରେ ଈଶ୍ୱରାମ୍ମା ତାଙ୍କ ଦୋଳି ଉପରେ ଶୁଆଦେଇ କ୍ଷୀର ପାଇଁ ଗଲେ । ଫେରିଆସି ଦେଖନ୍ତି ତ ସତ୍ୟଚାରି ପଟରେ ଏକ ଆଲୋକର ବଳୟ ଘେରି ରହିଛି । ଈଶ୍ୱରାମ୍ମା ସେ ବଳୟ ମଧକୁ ଯାଇ ଅନୁଭବ କଲେ ଯେ, ସେ ଅଞ୍ଚଳ ଅତ୍ୟନ୍ତ ଶୀତଳ ଓ ସୁବାସିତ ମନେହେଉଛି । ସତ୍ୟର ଦୈବତ୍ୱ ବିଷୟରେ ଈଶ୍ୱରାମ୍ମା ନିଃସନ୍ଦେହ ହେଲେ । ଈଶ୍ୱରାମ୍ମାଙ୍କ ଯତ୍ନରେ ସତ୍ୟ ସାତବର୍ଷ ବୟସରେ ପୁଟାପର୍ତ୍ତିରୁ ତିନିମାଇଲ ଦୂରରେ ଥିବା ବୁକ୍କା ପଟନମ୍‌ରେ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରି ସାଙ୍ଗ ପିଲାମାନଙ୍କ ସହିତ ସ୍କୁଲକୁ ଯିବା ଆରମ୍ଭ କଲେ । ସ୍କୁଲର ସର୍ବୋତ୍ତମ ଛାତ୍ରର ମାନ୍ୟତା ଲାଭ କରି ସତ୍ୟ ହାଇସ୍କୁଲରେ ପଢ଼ିବା ପାଇଁ ଭରବକୋଣ୍ଡା ଯିବା କଥା ହେଲା । ବଡ଼ଭାଇ ଶେଷମାରାଜୁ ସେଠାରେ ଥିବା ହାଇସ୍କୁଲରେ ଶିକ୍ଷକ ଥିଲେ । ଈଶ୍ୱରାମ୍ମା ସତ୍ୟକୁ ପାଖକୁ ଛାଡ଼ିବା ବେଳେ ଅତ୍ୟନ୍ତ ଦୁଃଖିତ ହେଲେ । ଛୁଟିରେ ସତ୍ୟ ପୁଟାପର୍ତ୍ତି ଆସିଲେ ମା ଦିନରାତି ତାଙ୍କର ଯତ୍ନ ନେଉଥିଲେ । ଥରେ ସତ୍ୟ କାନ୍ଧରେ କୌଣସି ଆଘାତର ଦାଗ ଦେଖି ଈଶ୍ୱରାମ୍ମା ବ୍ୟସ୍ତ ହୋଇପଡ଼ିଲେ । ଭରବକୋଣ୍ଡାରେ ଜଳାଭାବ ଯୋଗୁଁ ଭାଇଙ୍କ ପରିବାର ଓ ଅନ୍ୟଜଣେ ପଡ଼ୋଶୀଙ୍କ ପରିବାର ପାଇଁ ସତ୍ୟ ଦୂରରୁ ଭାରକରି ପାଣି ଆଣୁଥିବା ଯୋଗୁଁ କାନ୍ଧରେ ଦାଗ ହୋଇଯାଇଥାଏ । ଈଶ୍ୱରାମ୍ମା ଏ ଦାଗ ଦେଖି ଅତ୍ୟନ୍ତ ଦୁଃଖିତ ହେଲେ । ସତ୍ୟ ତାଙ୍କୁ କଥାରେ ଭୁଲାଇ ଦେଲେ । ଅବତାର ଉଦ୍‌ଘୋଷଣା ପରେ ସତ୍ୟ ମାଙ୍କ କଥାରେ ପୁଟାପର୍ତ୍ତିରେ ଅବସ୍ଥାନ କଲାପରେ ମାତା ଈଶ୍ୱରାମ୍ମା ତାଙ୍କୁ ତିନିଟି ବିଷୟ ମାଗିଥିଲେ । ପ୍ରଥମଟି ହେଲା ଗାଁରେ ସ୍କୁଲଟିଏ ନାହିଁ । ପିଲାମାନେ ଦୂର ଗାଁକୁ ପାଠପଢ଼ିବାକୁ ଯାଉଛନ୍ତି । ଅନ୍ତତଃ ଗାଁରେ ଗୋଟିଏ ସ୍କୁଲ କଲେ ଗାଁ ପିଲାମାନେ ସେଠାରେ ପଢ଼ିବେ । ଦ୍ୱିତୀୟ କଥା ହେଲା ଗାଁରେ ଜଳକଷ୍ଟ ଦୂର କରିବା ପାଇଁ ପାନୀୟ ଜଳର ସୁବନ୍ଦୋବସ୍ତ ହେଲେ ଗ୍ରାମବାସୀମାନେ ଉପକୃତ ହେବେ । ତୃତୀୟରେ ଗାଁ ଡାକ୍ତରଖାନାଟିଏ ନଥିବାରୁ ଗ୍ରାମବାସୀମାନେ ଦୂର ଗାଁକୁ ଚିକିତ୍ସା ପାଇଁ ଯାଉଛନ୍ତି । ଗାଁରେ ଡାକ୍ତରଖାନାଟିଏ କଲେ ଲୋକ ସହଜରେ ଚିକିତ୍ସାର ସୁଯୋଗ ପାଇବେ । ମା’ଙ୍କର ଏହି ତିନିଟି ଅଳିକୁ ବାବା ଆଶାତୀତ ଭାବେ ପୂରଣ କରିଥିଲେ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଈଶ୍ୱରାମ୍ମା ସତ୍ୟସାଇ ବାବାଙ୍କ ନିକଟରେ ରହିଥିଲେ । ସେ ବାବାଙ୍କ ଭଗବାନ ବୋଲି ଦୃଢ଼ ବିଶ୍ୱାସ କରି ସ୍ୱାମୀ ବୋଲି ସମ୍ବୋଧନ କରୁଥିଲେ । ମାତା ଈଶ୍ୱରାମ୍ମା ଶେଷ ନିଶ୍ୱାସ ତ୍ୟାଗ କରିବା ସମୟରେ ଗ୍ରୀଷ୍ମକାଳୀନ ଶିବିରରେ ବାବା ଥାଆନ୍ତି । ଈଶ୍ୱରାମ୍ମା ଶେଷ ମୁହୂର୍ତ୍ତରେ ସ୍ୱାମୀ ! ସ୍ୱାମୀ ! ସ୍ୱାମୀ ! ବୋଲି ତିନିଥର ଡାକ ଦେଲେ । ବାବା ଶୀଘ୍ର ଏହା ଜାଣି ପାରି ଯାଉଛି ଯାଉଛି ଯାଉଛି ବୋଲି କହି ମାଙ୍କ ପାଖକୁ ଆସିଲେ ଏବଂ ଦିବ୍ୟମାତା ଈଶ୍ୱରାମ୍ମାଙ୍କ ମହାପ୍ରୟାଣ ଘଟିଲା । ଶ୍ରୀସତ୍ୟସାଇ ସେବା ସଙ୍ଗଠନର ବିଶ୍ୱ ତମାମ ସମସ୍ତ ସାଇ ମନ୍ଦିର, ସାଇକେନ୍ଦ୍ର, ସମିତି ଓ ଭଜନ ମଣ୍ଡଳୀରେ ଏହି ଦିନ ତମାମ ବିଭିନ୍ନ ଆଧାତ୍ମିକ ଓ ସେବାକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ।



—ଉତ୍କଳାନନ୍ଦ ଅଜୟ କୁମାର ବେହେରା
ପିସି ସରକାର ଲେନ୍, ଅରୁଣୋଦୟ ନଗର,
କଟକ, ଦୂରଭାଷ: ୯୪୩୭୧୦୩୧୨୫୩

# ଓଡ଼ିଆ ନବବର୍ଷରେ ପଣା ସରବତ ବଣ୍ଟନ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ପବିତ୍ର ଓଡ଼ିଆ ନବବର୍ଷ ତଥା ଶ୍ରୀ ହନୁମାନ ଜୟନ୍ତୀ ପାଳନ ଅବସରରେ ବାଲେଶ୍ୱର ଫକୀରମୋହନ ଗୋଲେଇରେ ଓ ସହରର ବିଭିନ୍ନ ସ୍ଥାନରେ ବେଲପଣା ଓ ଥଣ୍ଡା ପାନୀୟ ଜଳ ବିତରଣ କରାଯାଇଛି । ବାଲେଶ୍ୱର ଫକୀରମୋହନ ଗୋଲେଇ ଓଟି ରୋଡ ପାର୍ଶ୍ୱରେ ଅଖିଳ ଭାରତୀୟ ମହିଳା ସମିତି ଏଆଇଡବ୍ଲୁସି ଯୁବ ଶାଖା ଓ ବାଲେଶ୍ୱର ଜିଲ୍ଲା ନାରୀସଂଘର ମିଳିତ ସହଯୋଗରେ ସ୍ୱାଦିଷ୍ଟ ବେଲପଣା ବିତରଣ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ବିଶଷ୍ଟ ସମାଜସେବୀ ତଥା ରେବତୀ ସାହିତ୍ୟ ପତ୍ରିକାର ସଂପାଦିକା ଶ୍ରୀମତି ସୁବାସିନୀ ଜେନା ଓ ନବନିର୍ବାଚିତ ପୌରାଧକ୍ଷା ଶ୍ରୀମତୀ ସବିତା ସାହୁ, ଆୟୁଷ ଗୁପ୍ତା, ମେଘ୍ନା ମନସ୍ୱିନୀ ମହାପାତ୍ର, ଅରୁଦିପ୍ତା ସ୍ୱାଇଁ, ବିନାୟକ ପାଣିଗ୍ରାହୀ, ସୌମ୍ୟ ପ୍ରତିକ, ସୌମ୍ୟ ସାର୍ଥକ, ମନିସ ମହାପାତ୍ର, ଯୋଗେଶ ସାରଓଗୀ, ଆୟୁଷୀ ଜେନା ଓ ନାରୀସଂଘର ଅଧକ୍ଷା ଶ୍ରୀମତୀ ଗୋପାମୁଦ୍ରା ମହାପାତ୍ର, ଅପର୍ଣ୍ଣା ମହାପାତ୍ର, ପୁଷ୍ପଲତା ମହାନ୍ତି, ସୁନିତା ମହାନ୍ତି, କବି ପ୍ରଶାନ୍ତ ନାୟକ, ସମାଜସେବୀ ଭାଗବତ ସାହୁ, ସାମ୍ବାଦିକ ଅମିୟ ମହାନ୍ତିଙ୍କ ସମେତ ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏହି ପଣା ବିତରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେହିପରି ବାଲେଶ୍ୱର ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ଛକସ୍ଥାନମାନଙ୍କରେ ପାନୀୟ ଜଳ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱରର ବିଭିନ୍ନ ଯାଗାରେ ପଣା ସଂକ୍ରାନ୍ତି, ହୋମ, ଯଜ୍ଞ ଓ ଯଥାବିଧି ସହକାରେ ଅନୁଷ୍ଠିତ ହୋଇଯାଇଛି ।

# ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ



ଖୋର୍ଦ୍ଧା (ପିଏନ୍)- ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ତ୍ରୟୋଦଶ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଶିବସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୀତାଭବନ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର କବି, ଲେଖକ ଯୋଗଦେଇଥିବା ବେଳେ ସାହିତ୍ୟ ଆଲୋଚନା, ଶ୍ରୀ ଜୟଦେବଙ୍କ ଗୀତ ଗୋବିନ୍ଦ ଆଲୋଚନା, କବିତା ପାଠୋତ୍ସବ, ସମ୍ମାନ ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ରୂପେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଭାଷାବିତ୍, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ପ୍ରମୁଖ ଉଦ୍ୟୋକ୍ତା ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଓଡ଼ିଆ ଭାଷାର ବହୁଳ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟବକ୍ତା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଆମ ସାହିତ୍ୟରେ ନାଟ୍ୟ ପରମ୍ପରାର ବିଭିନ୍ନ ବିଭବ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ଶ୍ରୀ ଜୟଦେବଙ୍କ ଗୀତ ଗୋବିନ୍ଦର ପଦ୍ୟ ଲାଳିତ୍ୟ ଉପରେ ଆଲୋକପାତ କରି ତା’ର ଭକ୍ତିଭାବର ନିଖୁଣ ଚିତ୍ର ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଛଉ ନୃତ୍ୟ ବିଶାରଦ ବିଜୟ କୁମାର ମହାନ୍ତି ଛଉନୃତ୍ୟ କିଭଳି ମୟୂରଭଂଜ ଓ ଷଡ଼େଇକଳାରେ ପ୍ରାଧାନ୍ୟ ବିସ୍ତାର କରି ସମଗ୍ର ଦେଶରେ ସ୍ୱତନ୍ତ୍ର ପରିଚୟ ଲାଭ କରିଛି ତା’ର ଉଦାହରଣ ଦେଇଥିଲେ । ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଉତ୍କଳ ନ୍ୟାସ ମଣ୍ଡଳର ପର୍ଶୁରାମ ଦ୍ୱିବେଦୀ ଓ ସୀତାବଲ୍ଲଭ ମହାପାତ୍ର ଓଡ଼ିଶା ସୀମାନ୍ତ ଗ୍ରାମମାନଙ୍କର ଗମନାଗମନ ଅସୁବିଧା ଦର୍ଶାଇବା ସହ ଓଡ଼ିଆ ଭାଷା ଆୟୋଗ ଗଠନ ହୋଇ ନଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ । ତଳ ଅଦାଲତମାନଙ୍କରେ ନ୍ୟାୟିକ ପ୍ରକ୍ରିୟା ଓଡ଼ିଆ ଭାଷାରେ କରାଯିବା ସହ ରାଜ୍ୟର ସୀମାନ୍ତ ଗ୍ରାମମାନଙ୍କର ଓଡ଼ିଆ ଭାଷାର ବିକାଶ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଖୋଲିବା ପାଇଁ ଦାବି କରିଥିଲେ । ସାହିତ୍ୟ ପରିଷଦ ପକ୍ଷରୁ ନୟାଗଡ଼ର ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କୁ ଶ୍ରୀ ଜୟଦେବ ସମ୍ମାନ, ପ୍ରଫେସର ଡ. ସଂଘମିତ୍ରା ମିଶ୍ରଙ୍କୁ ପଠାଣି ପଟ୍ଟନାୟକ ସମାଲୋଚନା ସାହିତ୍ୟ ସମ୍ମାନ, ବାଲେଶ୍ୱର କବି ପ୍ରଫେସର ଡ. ରସିକାନନ୍ଦ ମହାନ୍ତିଙ୍କୁ ବୃନ୍ଦାବତୀ ଦାସୀ ଆଧାତ୍ମିକ ସମ୍ମାନ, ବାଣପୁରର ଶିଶୁସାହିତ୍ୟିକ ରବୀନ୍ଦ୍ରନାଥ ପ୍ରଧାନଙ୍କୁ କବି ଡ଼ମ୍ବରୁଧର ପରିଡ଼ା ଶିଶୁ ସାହିତ୍ୟ ସମ୍ମାନ, ଶ୍ରୀମତୀ କାନନବାଳା ପଟ୍ଟନାୟକଙ୍କୁ କୁନ୍ତଳା କୁମାରୀ ଗୀତି କବିତା ସମ୍ମାନ ଓ ଡ. ସୁରେଶ ରାଉତଙ୍କୁ କବି ସଚ୍ଚି ରାଉତରାୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ କବି ରବୀନ୍ଦ୍ରନାଥ ପ୍ରଧାନଙ୍କ ଦୁଇଟି ପୁସ୍ତକ “ଗାନ୍ଧୀ କଥା ଶତକ” ଓ “ପିଲାଙ୍କ ହିତ କଥାମାଳା” ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ସମ୍ପାଦିକା ଶ୍ରୀମତୀ ବିମଳା ସିଂହ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ । ପ୍ରଥମ ପର୍ଯ୍ୟାୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମ କବି ଗୋବିନ୍ଦ ଚନ୍ଦ୍ର ମହାରଣା, ବିକ୍ରମ କେଶରୀ ଚମ୍ପତି, ରଶ୍ମିତା ନାୟକ, ଡ଼.ବୃନ୍ଦାବନ ପଣ୍ଡା, ବିଳାସିନୀ ଦାଶ, ଡ. ରଜନୀ ରଣସିଂହ ଓ ଝୁମୁରୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବୈକୁଣ୍ଠନାଥ ରାଜଗୁରୁ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଇତିଶ୍ରୀ ସାହୁ ଓ ପପୁ ବିଶ୍ୱାଳ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ ।



# ସାଧନା ଫାଉଣ୍ଡେସନର ଓଡ଼ିଆ ନବବର୍ଷ ପାଳନ



ବାଲେଶ୍ୱର (ପିଏନ୍)- ବାଲେଶ୍ୱରରେ ସାଧନା ଫାଉଣ୍ଡେସନ ତରଫରୁ ମହାବିଷୁବ ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ଆତିଥ୍ୟ ଭବନରେ ଏକ କବିତା ଆସର କାର୍ଯ୍ୟକ୍ରମ ହୋଇଥିଲା । ସଂଗଠନର ସାଧାରଣ ସଂପାଦିକା ସୁଜାତାରାଣୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିମଳ ଜେନାଙ୍କ ସଭାପତିତ୍ୱରେ ମହାବିଷୁବ ମିଳନ ଏବଂ କବିତା ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ରୂପେ ସିଡିଏମଓ ଦୁଲାଲ ସେନ ଜଗଦେବ ଏବଂ ସମ୍ମାନିତ ଅତିଥି ରୂପେ ଡଃ ଶିରିଷ ଚନ୍ଦ୍ର ଜେନା, ଡ଼ଃ ସୁଧାଂଶୁ ଶେଖର ପଣ୍ଡା ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଆର୍ଯ୍ୟ ସମାଜର ସଦସ୍ୟା ଗୀତାରାଣୀ ବେଦପାଠ କରିଥିଲେ ଏବଂ ସହ ସଂପାଦିକା ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍ୱେତାଲିସା ଶୁଭଦର୍ଶିନୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଜୀବନ କୁମାର ମହାନ୍ତି ଓଡ଼ିଆ ନବବର୍ଷ ବିଷୟରେ ନିଜ ଅଭିଭାଷଣ ରଖିଥିଲେ । କୋଭିଡ୍ ମହାମାରୀ ସମୟରେ ସର୍ବାଧିକ ଭ୍ୟାକ୍ସିନେଟେଡ୍ କରି ସାହାସିକତାର ପରିଚୟ ଦେଇଥିବା ୨ ଜଣ ମହୀୟସୀ ମହିଳା ମଧୁସ୍ମିତା ଜେନା, ସମୃଦ୍ଧି ନାୟକଙ୍କୁ ବିଶିଷ୍ଟ ସମାଜସେବୀ ଭାବରେ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରଶ୍ମିରଞ୍ଜନ ଜେନା ଧନ୍ୟବାଦ ଦେଇଥିବା ବେଳେ ଜିଲ୍ଲା ଓ ଜିଲ୍ଲା ବାହାରୁ ଶତାଧିକ କବି ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ ।




# ଛାତ୍ରଙ୍କ ଜଳସମାଧି ! !



ଏକ ଅଭାବନୀୟ ଘଟଣାକ୍ରମରେ ଜୀବନ ନିର୍ବାପିତ ହୋଇଯାଇଛି। ସାଙ୍ଗ ଆଉ ତୀବ୍ର ଗଣ୍ଡ ଭିତରେ ପଶିଯାଇ କଟକ ସହରର ତିନିଜଣ ପିଲାଙ୍କର ମୂଲ୍ୟବାନ ହୋଇ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ ନିଜକୁ ମୁକୁଳାଇ ପାରିଲେ ନାହିଁ। ଏହିଠାରେ ଗୋଟିଏ ବଡ଼ ପ୍ରଶ୍ନ ଉଠୁଛି ଓଡ଼ିଶା ସରକାର ଯୁବ ବର୍ଗଙ୍କ ପାଇଁ ଅନେକ କିଛି କରୁଛନ୍ତି ବୋଲି ଘୋଷଣା କରୁଛନ୍ତି ଏବଂ ନିଜ ଢ଼ୋଲ ନିଜେ ବି ବାଡ଼ଉଛନ୍ତି। ରକ୍ତଦାନ କାର୍ଯ୍ୟକ୍ରମ ହେଉ ବା ପ୍ରାକୃତିକ ବିପର୍ଯ୍ୟୟ ହେଉ, ଯୁବ ବର୍ଗଙ୍କ ସେବା ନିଶ୍ଚିତ ଗ୍ରହଣୀୟ ଏହାକୁ କେହି ମନେ କରୁନି କିନ୍ତୁ ବଡ଼କଥା ହେଉଛି ପିଲାମାନେ ଯେପରି ରକ୍ତଦାନ କରୁଛନ୍ତି, ବୃକ୍ଷରୋପଣ କରୁଛନ୍ତି ସେହିପରି ସେମାନଙ୍କୁ ପହଁରିବା ଶିକ୍ଷା ବିଧିବଦ୍ଧ ଭାବେ କ'ଣ ପାଇଁ ଦିଆଯାଇପାରୁନାହିଁ। କଟକର ଜୀବନ ରେଖା କୁହାଯାଉଥିବା ମହାନଦୀ ଓ କାଠଯୋଡ଼ି ନଦୀରେ ପ୍ରତିଦିନ କେଉଁଠି ନା କେଉଁଠି ଅଘଟଣ ଘଟୁଛି। ପାଣିରେ ବୁଡ଼ି କାହାର ଜୀବନ ଯାଉଥିଲା ବେଳେ ଆଉ କିଏ ଅଳ୍ପକେ ବର୍ତ୍ତି ଯାଉଛନ୍ତି। ସାମାନ୍ୟ ଅସାବଧାନତା ଲୋକଙ୍କୁ ମରଣ ମୁହଁକୁ ଟାଣି ନେଉଛି। ଯଦିଓ ଦୁଇ ନଦୀର ନିର୍ଦ୍ଦିଷ୍ଟ କେତେକ ସ୍ଥାନକୁ ବିପଦ ସଙ୍କୁଳ ଘୋଷଣା ସହ ସେଠାରେ ସତର୍କ ସୂଚନାଫଳକ ଲଗାଯାଇଛି। ମାତ୍ର ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ନଷ୍ଟ ହୋଇଗଲାଣି। ପ୍ରଶାସନର ଏପରି ଅବହେଳା ଓ ଲୋକଙ୍କ ଅସାବଧାନତାରୁ ନଦୀ ବୁଡ଼ି ଜନିତ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଗଲା ନଅ ବର୍ଷରେ ପ୍ରାୟ ୩୦ରୁ ଅଧିକ ଜଣଙ୍କ ମୃତ୍ୟୁ ଘଟିଛି। କିନ୍ତୁ ସବୁ ଦୋଷ କେବଳ ମହାନଦୀ ମୁଣ୍ଡାଉଛି। ଏମିତିକି ନିଜ ଭୁଲ ସ୍ୱୀକାର କରିବା ପରିବର୍ତ୍ତେ ଲୋକଙ୍କ ଜୀବନରେଖା ପାଲଟି ଥିବା ମହାନଦୀ ଅଭିଶପ୍ତ କହିବା ଆରମ୍ଭ କଲେଣି।

ସର୍ବାଧିକ ଅଘଟଣ ମହାନଦୀର ନରାଜ ଠାରୁ ଯୋବ୍ରା ଆନିକଟ ମଧ୍ୟରେ ଘଟୁଛି। ଯୋବ୍ରା ବ୍ୟାରେଜରେ ଗାଧୋଇବାକୁ ଯାଇ ୨୦୧୩ ମେ ୧୨ରେ ଦୁଇ ଜଣ ଯୁକ୍ତ ଦୁଇ ଓ ୨୩ରେ ବୋଷର ଦୁଇଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି ୨୦୧୫ ଏପ୍ରିଲ ୧୩ରେ ରେଭେନ୍ସାର ଚାରି ଜଣ ଛାତ୍ର, ୨୦୧୯ରେ ଏପ୍ରିଲ ୬ରେ ରାଣିହାଟ ଶଗଡ଼ିଆ ସାହିର ଜଣେ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି ଗଡ଼ଗଡ଼ିଆ ଘାଟରେ ୨୦୧୩ ଅକ୍ଟୋବର ୩୧ରେ ପୋଲିସ ହାଇସ୍କୁଲ ଓ ପ୍ୟାରୀମୋହନ ଏକାଡ଼େମୀର ୩ ଛାତ୍ର, ୨୦୧୭ ଅଗଷ୍ଟ ୩୦ରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଫ୍ୟାସନ ଟେକ୍ନୋଲୋଜିର ୩ ଅଣ ଓଡ଼ିଆ ଛାତ୍ର ଓ ଅକ୍ଟୋବର ୨ରେ ଦୁଇଜଣ ଯୁବକ ଭାସି ଯାଇଥିଲେ। ନରାଜରେ ୨୦୧୭ ଅଗଷ୍ଟ ୨୫ରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ଧବଳେଶ୍ୱର ଗଡ଼ାରେ ୨୦୧୭ ଅକ୍ଟୋବର ୭ରେ ୩ ଜଣ ୧୦ମ ଶ୍ରେଣୀ ଛାତ୍ର, ୨୦୧୮ ଅକ୍ଟୋବର ୨ରେ ଚହଟାରେ ଦୁଇ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ୨୦୧୯ ଅଗଷ୍ଟରେ ଜଣେ ଜାତୀୟ ସ୍ତରରେ ଖେଳାଳୀ ମହାନଦୀରେ ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି କାଠଯୋଡ଼ିରେ ୨୦୧୮ ମେ ୬ରେ ଜଣେ ୧୦ମ ଶ୍ରେଣୀ ଓ ବିସିଏ ଦ୍ୱିତୀୟ ବର୍ଷ ଜଣେ ଛାତ୍ର ଖାନନଗର ତ୍ରିନାଥ ଗଡ଼ାରେ ବୁଡ଼ି ପ୍ରାଣ ହରାଇଥିଲେ।

ଏହାଛଡ଼ା ୨୦୨୧ ନଭେମ୍ବର ୨୫ରେ ଚାରି ଜଣ ସ୍କୁଲ ଛାତ୍ର କୋଳି ଖାଇବା ପାଇଁ ମହାନଦୀର ଭଦିମୂଳ ଘାଟକୁ ଯାଇ ବୁଡ଼ି ଯାଇଥିଲେ। ଦୁଇ ଦିନ ପରେ ସମସ୍ତଙ୍କ ଶବ ପାଣିରୁ ମିଳିଥିଲା। ସେହିପରି ଗଲା ମାର୍ଚ୍ଚ ୨୯ରେ ନରାଜରେ ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ଯାଇ ଜଣେ ଇଞ୍ଜିନିୟରିଂ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ଏହି ସବୁ ଘଟଣା ବାଦ ଅନେକ ଅଘଟଣରେ ଅନେକଙ୍କ ଜୀବନ ଯାଇଛି। ମୁଖ୍ୟ କଥା ହେଉଛି ସବୁ ଘଟଣା ପଛରେ ଅସାବଧାନତାକୁ ଦାୟୀ କରାଯାଇଛି। ଅନ୍ୟପଟେ ଏଭଳି ଅଘଟଣକୁ ରୋକିବା ଲାଗି ୨୦୧୭ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଭୟ ନଦୀର ଏକାଧିକ ଘାଟରେ ସତର୍କ ସୂଚନାଫଳ ଲଗାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ସୂଚନା ଫଳକ ନଷ୍ଟ ହୋଇଯାଇଛି। ଏହାର ମରାମତି ଲାଗି ଅନେକ ଥର ଦାବି କରାଯିବା ସତ୍ତ୍ୱେ ତାହା ହୋଇପାରିନାହିଁ। ଫଳରେ ନଦୀର ଗଭୀରା ଜାଣି ନପାରି ଲୋକେ ଅକାଳ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଭଳି ସ୍ଥିତିରେ ନା ଜନସାଧାରଣ ସଚେତନ ହେଉଛନ୍ତି, ନା ଜିଲ୍ଲା ପ୍ରଶାସନ ନିଜ ଆଡୁ ତତ୍ପରତା ପ୍ରକାଶ କରୁଛନ୍ତି। ଅଘଟଣ ପରେ ସବୁ ଦୋଷ ନଦୀ ଉପରେ ଛାଡ଼ି ଦିଆଯାଇଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଆନିକଟ ନିକଟରେ ୪୭ ଜଣଙ୍କ ଜୀବନ ଚାଲିଯାଇଛି। ରେଭେନ୍ସାର ଚାରି ଜଣ ଛାତ୍ର କିଛି ମାସ ତଳେ ସୁଅ ମୁହଁରେ ଭାସି ଯାଇଥିଲେ। ସୂଚନା ଥାଉକି ୨୦୧୮ରେ ୮ଜଣ, ୨୦୧୯ରେ ୧୦ଜଣ, ୨୦୨୦ରେ ୧୦ ଜଣ, ୨୦୨୧ରେ ୧୫ ଜଣ ଓ ଚଳିତ ବର୍ଷ ୪ ଜଣ ପିଲାଙ୍କ ଅକାଳ ଜୀବନ ଚାଲିଯାଇଛି। ଯୋବ୍ରା ପାର୍କ ନିକଟରେ ଥିବା ତତ୍ତ୍ୱବଟ ପର୍ଯ୍ୟନ୍ତ ପାଖାପାଖି ତିନଟି ତୁଠରେ ଚଳପ୍ରଚଳ ହୋଇଥାଏ। ସେହିପରି ଅଭିଯୋଗ ଉଠୁଛି ଯେ ଆନିକଟ ଠାରେ ମହାନଦୀର ପାଣିକୁ ନିୟନ୍ତ୍ରଣ ରଖିବା ପାଇଁ ଦାୟିତ୍ୱରତ କର୍ମଚାରୀମାନେ ନିଜ ଇଚ୍ଛା ମୁତାବକ ଗେଟ ଟେକୁଛନ୍ତି। ଯାହାଦ୍ୱାରା ଅଚାନକ ପାଣି ଚାଲି ଆସିବାରୁ ପିଲାମାନେ ନ ଜାଣି ପାରି ମୃତ୍ୟୁର ଶିକାର ହେଉଛନ୍ତି। ପିଲାମାନେ ଅଭାବନୀୟ ଭାବେ ଯେଉଁ ଜଳସମାଧି ନେଲେ ତାହା କ'ଣ ସେମାନଙ୍କ ଭାଗ୍ୟ ଥିଲା ? ପ୍ରଶାସନ କରୁଛି କ'ଣ ଏବଂ ଏ କ୍ଷେତ୍ରରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇ ପର୍ଯ୍ୟାପ୍ତ କ୍ଷତି ପୂରଣ ଦିଆଯାଉ।

**ଯୁଧିଷ୍ଠିର ମହାରଣା**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ: ୯୪୩୭୧୬୩୫୨୮

# ଚଇତି ଘୋଡ଼ାନାଚ



ଚଇତି ଘୋଡ଼ା ନାଚ ଓଡ଼ିଶାର ଏକ ପାରମ୍ପରିକ ଲୋକନୃତ୍ୟ। ଏହା ମୁଖ୍ୟତଃ ଓଡ଼ିଶାର ଉପକୂଳ ଅଞ୍ଚଳରେ କେଉଟ ମାନଙ୍କ ଦ୍ୱାରା ଆରମ୍ଭ ହୋଇ ସେହି ଅଞ୍ଚଳମାନଙ୍କରେ ଚୈତ୍ର ମାସ ପୂର୍ଣ୍ଣିମା ତିଥିରେ ପରିବେଷିତ ହୋଇଥାଏ। କେଉଟମାନେ ବାଉଁଶ ବତାରେ ଘୋଡ଼ାର ପାଦହୀନ ଦେହ ଓ ବେକ ଆକାରର ଗୋଟିଏ ଥାଟ ତିଆରି କରି ତା ଉପରେ ଲୁଗା ଆଦି ଘୋଡ଼ାନ୍ତି ଓ ବେକ ଉପରେ ଘୋଡ଼ାମୁହଁ ପରି ଚିତ୍ରିତ ମୁଖାଟିଏ ଲଗାନ୍ତି। ଉକ୍ତ ଚଇତି ଘୋଡ଼ାର ପିଠିରେ ଗୋଟିଏ କଣା ଥାଏ। ସେହି କଣା ବାଟେ ମନୁଷ୍ୟ ଅଣ୍ଟା ପର୍ଯ୍ୟନ୍ତ ପଶି କରି ଭୂମିରେ ଠିଆ ହୁଏ ଓ ଘୋଡ଼ା ରୂପର ଆଗରୁ ଓ ପଛରୁ ଡୋରି ଲଟକା ଯାଏ। ମନୁଷ୍ୟ ଅଣ୍ଟା



ଠାରୁ ନିମ୍ନ ଅଂଶ ଘୋଡ଼ା ଭିତରେ ଲୁଚି ଥାଏ ଓ ଅଣ୍ଟା ଠାରୁ ଉପର ଅଂଶ ଘୋଡ଼ା ଭିତରେ ବସିବା ପରି ଅନୁମତି ହୁଏ। ଏହି ବ୍ୟକ୍ତି ନାଚିବା ସଙ୍ଗେ ସଙ୍ଗେ ଘୋଡ଼ା ମଧ୍ୟ ନାଚେ। ଘୋଡ଼ାର ମୁହଁ ଆଡ଼େ ଲଗାମ ପରି କନା ଡୋରି ବନ୍ଧା ହୋଇଥାଏ। ଉକ୍ତ ଡୋରିକୁ ନଚାଇବା ବାଲା ଧରି ଘୋଡ଼ାର ଲଗାମ ଧରିବାର ଅଭିନୟ କରେ।

କେଉଟମାନେ ଏହି ପର୍ବ ଉପଲକ୍ଷେ ଚଢ଼େଇୟା ଓ ଚଢ଼ଉଣୀ ବେଶ ହୋଇ ନାଚନ୍ତି ଓ ଗୀତ ବୋଲନ୍ତି। ଘୋଡ଼ା ନାଚରେ ଜଣେ ଲେଖାଏଁ ଗାୟକ, ପାଳିଆ, ଢ଼ୋଲକିଆ, ମହୁରିଆ, ରାଉତ, ରାଉତାଣୀ ଥାଆନ୍ତି। ଗାୟକ ବିଷୟବସ୍ତୁ ଗାଉଥିବା ବେଳେ ପାଳିଆ ପାଳି ଧରେ, ଢ଼ୋଲକିଆ ବାଜା ବଜାଏ ଓ ରାଉତ ସଜ୍ଜିତ କାଠଘୋଡ଼ା ଚଢ଼ି ରାଉତାଣୀ ସହ ନୃତ୍ୟ କରୁଥାଏ। ମା'ବାସେଳୀଙ୍କ ବନ୍ଦନାରୁ ଆରମ୍ଭ ହୁଏ ଘୋଡ଼ା ନାଚ। ପରେ ରାଧାକୃଷ୍ଣଙ୍କ ଲୀଳା, ଶିବ ପାର୍ବତୀଙ୍କ କାହାଣୀକୁ ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଏ। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବହି ନଥାଏ। କୈବର୍ତ୍ତ ଗୀତା, କେବିର୍ତ୍ତ ପୁରାଣ ଓ କୈବର୍ତ୍ତ ସଂହିତାରୁ ବିଷୟବସ୍ତୁ ଉଦ୍ଧାର କରି ଗାୟକ ସେଗୁଡ଼ିକୁ ପାରମ୍ପରିକ ସ୍ୱରରେ ପଢ଼ିବା ଭଳି ଶବ୍ଦ ସଂଯୋଜନା କରି ସ୍ୱର ଦେଇଥାନ୍ତି।

**ନାଟ୍ୟସାରଥି ଅଭୟ କୁମାର ଦାସ**, ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

# କୋଭିଡ଼ ପ୍ରଭାବରେ ଛୋଟ ପିଲାଙ୍କ ଆଖି ଖରାପ



କୋଭିଡ଼ ମହାମାରୀ ଯୋଗୁ ପ୍ରାୟ ଦୁଇବର୍ଷ କାଳ ପିଲାମାନେ ସ୍କୁଲ ନ ଯାଇ ଘରେ ରହିଲେ। ଏବେ ସ୍କୁଲ ଖୋଲିବା ପରେ ଦେଖିବାକୁ ମିଳୁଛି ଯେ ବହୁ ପିଲା କଳାପଟାରେ କ'ଣ ଲେଖା ହୋଇଛି ପଢ଼ିପାରୁ ନାହାନ୍ତି। ଆଖିକୁ ଜାଲୁଆ ଜାଲୁଆ ଦିଶୁଛି। ପାଠପଢ଼ାରେ ଅଧିକ ସମୟ ଧ୍ୟାନ ଦେଇପାରୁ ନାହାନ୍ତି। କାହାର ଆଖି ନାଲି ପଡ଼ିଛି, କାହାର ମୁଣ୍ଡ ବିନ୍ଧା ହେଉଛି ତ କାହାକୁ ଭାରି ଅଶ୍ୱସ୍ତି ଅନୁଭବ ହେଉଛି। ଦିଲ୍ଲୀ ରାଜଧାନୀ ଅଞ୍ଚଳ, ମୁମ୍ବାଇ, ଉଦୟପୁର ଅଞ୍ଚଳର ଆଖି ଡାକ୍ତରମାନଙ୍କ ପାଖରେ ପିଲାମାନଙ୍କ ଭିଡ଼ ଦୁଇଗୁଣ ବଢ଼ିଯାଇଛି ବୋଲି ଏକ ରିପୋର୍ଟ ମିଳିଛି। ନୂଆଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି। ଡାକ୍ତରଙ୍କ ପାଖକୁ ଆଖି ଦେଖାଇବାକୁ ଆସୁଥିବା ପ୍ରତି ୧୦ଜଣରେ ୬ଜଣଙ୍କର ଚଷମା ଦରକାର ପଡୁଛି। ଯେଉଁମାନେ ଗତ ବର୍ଷ ଚଷମା ଲଗାଇଥିଲେ ସେମାନଙ୍କ ଚଷମାର ପାୱାର ୦.୫ରୁ ୦.୭୫ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

ଆଖି ଡାକ୍ତରମାନଙ୍କ କହିବା ଅନୁସାରେ ୫ରୁ ୧୫ ବର୍ଷର ବହୁ ପିଲାଙ୍କୁ ଏବେ ଚଷମା ପିନ୍ଧିବାକୁ ପଡୁଛି, ଏପରିକି ଅଧିକ ପାୱାରର ଚଷମା ଅନେକଙ୍କର ଦରକାର ପଡୁଛି। ଏମ୍ସର ଡାକ୍ତରଙ୍କ ପ୍ରାରମ୍ଭିକ ଅନୁଧ୍ୟାନ ଅନୁସାରେ ପିଲାମାନେ ମାୟୋପିଆ (ନିକଟ ଦୃଷ୍ଟିକୋଷ)ର ଶିକାର ହେବା ୭ ପ୍ରତିଶତରୁ ୧୩ ପ୍ରତିଶତକୁ ବା ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି।

ମୋବାଇଲ, ଲାପଟପ, କମ୍ପ୍ୟୁଟର, ଟିଭି ପ୍ରଭୃତି କେବଳ ପାଖ ଜିନିଷ ଦେଖିବାରେ ଅଭ୍ୟସ୍ତ ହେବା ଏବଂ ବାହାରକୁ ନ ଯିବା ଏହାର କାରଣ ବୋଲି କୁହାଯାଉଛି। ମୋବାଇଲ ବା ଲାପଟପ ପରି ଛୋଟ ପରଦାର ପାଖ ଜିନିଷ ବେଶି ଦେଖିଲେ ନେତ୍ର ଗୋଲକ (ଆଇବଲ) ସମ୍ପ୍ରସାରିତ ହୁଏ ଓ ତାପ ସୃଷ୍ଟି ହୁଏ, ଯାହା ନିକଟ ଦୃଷ୍ଟିଦୋଷର କାରଣ। ବିୟୁକ୍ତ ୧ ବା ୧.୫ରୁ ଅଧିକ ପାୱାରର ଚଷମା ପିଲାମାନଙ୍କୁ ପିନ୍ଧିବାକୁ ପଡୁଛି। କୋଭିଡ଼ ଯୋଗୁଁ ବାହାରକୁ ନ ଯିବା ଓ ବାହାରେ ଖେଳକୁଦ ନ କରିବା ଯୋଗୁଁ ପିଲାମାନେ ସୂର୍ଯ୍ୟକିରଣ ପାଇବାରୁ ବଞ୍ଚିତ ହେଲେ। ଫଳରେ ସେମାନଙ୍କ ଶରୀରରେ ଭିଟାମିନ ଡି ବା ଡୋପାମାଇନର ମଧ୍ୟ ଅଭାବ ଦେଖିବାକୁ ମିଳିଛି। ଏଣିକି ପିଲାମାନେ ଯଦି ଅତି କମରେ ଦୁଇଘଣ୍ଟା ବାହାରେ ବୁଲିବେ ବା ଖେଳିବେ ଏବଂ ମୋବାଇଲ ଓ ଲାପଟପ ଦେଖିବାରୁ ବିରତ ରହିବେ ତେବେ ସେମାନଙ୍କ ଛୋଟ ପରଦାରେ ମନୋନିବେଶ ସମୟ ହ୍ରାସ ପାଇବ ଏବଂ ଆଖିର ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସେମାନଙ୍କ ନିକଟ ଦୃଷ୍ଟିଦୋଷ ହେବାର ସମ୍ଭାବନା ମଧ୍ୟ ହ୍ରାସ ପାଇବ।

**ଡାକ୍ତର ବିଷ୍ଣୁ ପ୍ରସାଦ ସର**, ସହଯୋଗୀ ପ୍ରଫେସର, ଚକ୍ଷୁ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୮୨୮୦୧୬୩୬୬୭

# ମାଇଥୋମାନିଆ



ଜୀବନରେ ଏକ ବିଚିତ୍ର ସତ୍ୟ ଆଉ ମିଥ୍ୟା ଥାଏ। ଏହି କଥାକୁ ବଡ଼ ଦୁଃଖର ସହିତ କହିଲେ ମୋ ବନ୍ଧୁ ଦେବଦତ୍ତ। ତାଙ୍କ ଜଣେ ବନ୍ଧୁ ପିଲାଦିନରୁ କଳ୍ପନାବିଳାସୀ। ପିଲାଦିନରୁ ଛୋଟ ଛୋଟ ପ୍ରସଙ୍ଗକୁ ମିଛ କହିବାର ଏକ ପ୍ରକାର ପ୍ରବଣତା ସେ ଧୀରେ ଧୀରେ ନେଇଯାଇଥିଲେ। ତାଙ୍କ ବ୍ୟସ୍ତତା ଶୁଣିକି ମୁଁ ତାଙ୍କୁ କହିଲି ଯେ ଜୀବନରେ ଏହା ନିଶ୍ଚିନ୍ତ ଏକ ଅସ୍ୱାଭାବିକ ଘଟଣା। ତେବେ ବଡ଼ କଥା ହେଉଛି ପିଲାମାନେ ବେଳେ ବେଳେ ମିଛ କୁହନ୍ତି ଆଉ କେଉଁ ପରିସ୍ଥିତିରେ କୁହନ୍ତି ତାହା ଜାଣିବା ବାପା ମାଆଙ୍କର ବଡ଼ କର୍ତ୍ତବ୍ୟ। ମୁଁ ତାଙ୍କୁ ପରାମର୍ଶରେ କହିଲି ଯେ, ମଣିଷ ନିଜ ଜୀବନରେ ଯେ କେବେ କେମିତି ମିଛର ସାହାରା ନେଇଥାଏ। ଜୀବନରେ ଥରେ ବି ମିଛ କହିନଥିବା ଲୋକଙ୍କ ସଂଖ୍ୟା ହୁଏତ ଅତି ବିରଳ ହୋଇଥିବ। କାରଣ ସମସ୍ୟା ସମାଧାନ ପାଇଁ ଅବା କାହାକୁ ବଞ୍ଚାଇବା ପାଇଁ ମଣିଷ ବେଳେ ବେଳେ ମିଥ୍ୟାର ଆଶ୍ରୟ ନେଇଥାଏ। କିନ୍ତୁ କିଛି ଲୋକ ଥାଆନ୍ତି ଯେଉଁମାନେ ସ୍ୱଭାବଗତ ଭାବେ ମିଛ କହିଥାଆନ୍ତି। ସେମାନଙ୍କ ମିଛ କହିବା ଦ୍ୱାରା ଯଦିଓ ଅନ୍ୟମାନଙ୍କର ଲାଭ ବା କ୍ଷତି କିଛି ବି ହୋଇନାଥାଏ। କିନ୍ତୁ ମିଛ କହୁଥିବା ଲୋକ ଆତ୍ମସନ୍ତୋଷ ପାଇଥାଏ ତେବେ ଧରିନେବାକୁ ହେବ ସେହି ବ୍ୟକ୍ତି ଏକ ପ୍ରକାର ମାନସିକ ରୋଗରେ ପୀଡ଼ିତ। ଯଦିଓ ଏହା ସେତେ ମାରାତ୍ମକ ନୁହେଁ। ମାନସିକ ରୋଗ ବିଶେଷଜ୍ଞଙ୍କ ମତରେ ଏହା ରୋଗ ନୁହେଁ, ବରଂ ଏକ ପ୍ରକାର ମାନସିକ ସମସ୍ୟା। ମନସ୍ତାତ୍ତ୍ୱିକମାନଙ୍କ କହିବାନୁସାରେ ମାଇଥୋମାନିଆ ସେହି ଲୋକମାନେ ଭୋଗିଥାନ୍ତି ଯେଉଁମାନେ ଅତ୍ୟଧିକ କଳ୍ପନାବିଳାସୀ ହୋଇଥାନ୍ତି। ପିଲା ଦିନରୁ ଛୋଟ ଛୋଟ ପ୍ରସଙ୍ଗରେ ମିଛ କହିବାର ପ୍ରବଣତା ଧୀରେ ଧୀରେ ମାଇଥୋମାନିଆର ରୂପ ନେଇଥାଏ। କିନ୍ତୁ ମାଇଥୋମାନିଆ ଭୋଗୁଥିବା ଲୋକମାନେ ମକିଛ କହି କାହାର କ୍ଷତି କରନ୍ତି ନାହିଁ। କୋଲିନ୍ସ ଅଭିଧାନ ଅନୁସାରେ ଏହି ଶବ୍ଦଟି ୧୯୦୫ ମସିହାରେ ପ୍ରଥମେ ବ୍ୟବହୃତ ହୋଇଥିଲା। ମିଥ୍ ଓ ମାନିଆ ଦୁଇଟି ଶବ୍ଦରୁ ସୃଷ୍ଟି ହୋଇଛି ମାଇଥୋମାନିଆ। ମାଇଥୋମାନିଆ ଭୋଗୁଥିବା ଲୋକମାନେ ଅନେକ ସମୟରେ ଏତେ ସୁନ୍ଦର ମିଛ କହିଥାନ୍ତି ଯେ ଅନ୍ୟମାନେ ସେମାନଙ୍କ କଥାକୁ ଅତି ସହଜରେ ବିଶ୍ୱାସ ବି କରିଥାଆନ୍ତି। ପୁଣି ମାଇଥୋମାନିଆ ଭୋଗୁଥିବା କିଛି ଲୋକ ନିଜ ସଂପର୍କରେ ବଢ଼େଇ ହୋଇ କହିଥାନ୍ତି। ଏହି ସମସ୍ୟା ଭୋଗୁଥିବା ଅଳ୍ପ କିଛି ଲୋକଙ୍କର ଆତ୍ମଗର୍ବ ବି ଥାଏ। ଆଧୁନିକ ଯୁଗରେ ଏହି ସମସ୍ୟାର ସମାଧାନ ବେଶ ସହଜ। ଯଦି ଜଣେ ନିଜକୁ ଗଭୀର ଭାବେ ଅନୁଶୀଳନ କରିପାରିବ ତେବେ ସେ ବୁଝିପାରିବ ସେ ମାଇଥୋମାନିଆ ଭାଗୁଛି କି ନାହିଁ। ଯଦି ଜଣେ ଅନୁଭବ କରେ ସେ ଛୋଟ ଛୋଟ କଥାରେ ମାତ୍ରାଧିକ ମିଛ କହୁଛି ତେବେ ମନସ୍ତାତ୍ତ୍ୱିବିଦଙ୍କ ସାହାଯ୍ୟ ନେଇପାରିବେ। କୌଣସି ଔଷଧ ନୁହେଁ, ବରଂ କାଉନସେଲିଂ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ। ଅଭିଭାବକମାନେ ମଧ୍ୟ ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ପିଲାମାନେ କେତେବେଳେ ମିଛ କହୁଛନ୍ତି, କାହିଁକି ମିଛ କହୁଛନ୍ତି, କେଉଁ ପରିସ୍ଥିତିରେ ପଡ଼ି ସେମାନଙ୍କ ପାଟିରୁ ମିଛ ବାହାରୁଛି ସେ ସବୁ ଭଲ ଭାବେ ବୁଝିବା ଆବଶ୍ୟକ। ଛୋଟ ପିଲା ବେଳେ ବେଳେ ଭୟରେ ମିଛ କହିଥାଆନ୍ତି। ତାହା ଅଲଗା ପ୍ରସଙ୍ଗ। କିନ୍ତୁ ପିଲାଦିନରୁ ସ୍ୱଭାବସିଦ୍ଧ ଭାବେ ମିଛ କହିବାର ଅଭ୍ୟାସ ତିଆରି ହୋଇଗଲେ ତାହା ପିଲାର ଭବିଷ୍ୟତକୁ ପ୍ରଭାବିତ କରିପାରେ। ଏ କ୍ଷେତ୍ରରେ ବାପା-ମାଆଙ୍କର ବଡ଼ କର୍ତ୍ତବ୍ୟ ରହିଛି ଏବଂ ଏ କ୍ଷେତ୍ରରେ ସଚେତନତା ମଧ୍ୟ ବଡ଼ ଗୁରୁତ୍ୱ ରଖେ। ତୁରନ୍ତ ଏହି ସମସ୍ୟା ଦେଖାଦେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ଡାକ୍ତର ସମ୍ରାଟ କର**, ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ରାଜଧାନୀ ପ୍ରତିଷ୍ଠା ଦିବସରେ ୧୩ଜଣଙ୍କୁ ପ୍ରଦାନ କରାଯିବ 'ରାଜଧାନୀ ଗୌରବ ସମ୍ମାନ'

ଭୁବନେଶ୍ୱର (ପିଏନ୍): ଆସନ୍ତା ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ୭୪ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବା ପାଇଁ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୩ ତାରିଖ ପୂର୍ବାହ୍ନ ୮ଟା ସମୟରେ ରାଜଧାନୀ ଶିଳାନ୍ୟାସ ଫଳକ ସମ୍ମୁଖସ୍ଥ ବେସାମରିକ ପରେଡ ଉତ୍ସବ ପରେ ପରେ ରାଜଧାନୀର ୧୩ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ରାଜଧାନୀ ଗୌରବ ସମ୍ମାନ'ରେ ସମ୍ମାନିତ କରାଯିବ। ଏଥିପାଇଁ ସଂସ୍କୃତି ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ମହାନଗର ନିଗମ, ସୂଚନା ଓ ଲୋକସଂପର୍କ ବିଭାଗ, ଜିଲ୍ଲାପାଳ ଖୋର୍ଦ୍ଧା, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ଚୟନ କମିଟି ଗଠନ କରାଯାଇଥିଲା। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ପାଇଁ ଗଠିତ ଚୟନ କମିଟିରେ ୧୩ଜଣ ବ୍ୟକ୍ତିବିଶେଷଙ୍କୁ ରାଜଧାନୀ ଗୌରବ ସମ୍ମାନ ପ୍ରଦାନ କରିବା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। କୋଭିଡ୍ ଯୋଦ୍ଧା ଭାବେ ଡ. ସଂଘମିତ୍ରା ପତି ଓ ଶୁଭେନ୍ଦୁ ସାହୁ, ବିଶିଷ୍ଟ ଶିଳ୍ପପତି ପଙ୍କଜଲୋଚନ ମହାନ୍ତି, ବୈଜ୍ଞାନିକ ଡ. ଅଜୟ ପରିଡ଼ା, ହକି ଖେଳାଳୀ ଦୀପଗ୍ରେସ୍ ଏକ୍କା, ଆଇନଜୀବୀ ଡ. ମଧୁମାଧବ ଜେନା, ଚିକିତ୍ସକ ଡା. ଅଶୋକ ନନ୍ଦ, ସମାଜସେବୀ ନୀଳମଣି ମିଶ୍ର, ଟ୍ରାଫିକ୍ କନଷ୍ଟେବଳ ଶେଷଦେବ ସାହୁ, ନର୍ସ ଶ୍ରୀମତୀ ହାରାମଣୀ ଦାଶ, ପୋଷ୍ଟମ୍ୟାନ୍ ବିପ୍ଳବ ରଂଜନ ମଲ୍ଲିକ ଓ ସୁଇପର ଶ୍ରୀମତୀ ସୁଷମା ଦେଇଙ୍କୁ ଉକ୍ତ ସମାରୋହରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ସମ୍ମାନିତ କରାଯିବ ବୋଲି ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସାଧାରଣ ସଂପାଦକ ସନତ ମିଶ୍ର ଓ ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

—ଓଡ଼ିଆ ମହୋତ୍ସବ-୨୦୨୨—

## ଆକର୍ଷଣୀୟ ନୃତ୍ୟରେ ମୋହିଲେ ଶିଶୁ କିଶୋର

ଭୁବନେଶ୍ୱର (ପିଏନ୍)- ଓଡିଆ ଭାଷା,ସଂସ୍କୃତି, ପରମ୍ପରା ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ତଥା ପ୍ରଚାର ପ୍ରସାର ଲକ୍ଷ୍ୟରେ ସଂଭାବନା ପକ୍ଷରୁ ସତର ବର୍ଷ ଧରି ଚାଲିଥିବା ଓଡ଼ିଆ ମହୋତ୍ସବ ଓ ଏହାର ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ୩ଦିନିଆ ଉଦ୍‌ଯାପନୀ ଉତ୍ସବର ପୂର୍ବରୁ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା ଅ'ର୍ଗତ ଓଡ଼ିଶୀ ଓ ଲଘୁନୃତ୍ୟ ପ୍ରତିଯୋଗିତା ଏକାମ୍ର ହାଟର ମୁକ୍ତାକାଶ ମ ରେ ଅନୁଷ୍ଠିତ ହୋଇଯାଇଛି।ଓଡିଶୀ ନୃତ୍ୟ ସହ ରଚିପୂର୍ଣ୍ଣ ଓଡିଆ ସଂଗୀତର ତାଳେ ତାଳେ ଲଘୁନୃତ୍ୟ ପରିବେଷଣ କରି ଶିଶୁ ଓ କିଶୋରମାନେ ଉପସ୍ଥିତ ଦର୍ଶକବୃନ୍ଦଙ୍କୁ ମୋହିତ କରିବା ସହ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହ ନିଜ ନିଜର ସଂପର୍କକୁ ପ୍ରମାଣିତ କରିଥିଲେ।

ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜାଙ୍କର ପ୍ରାରମ୍ଭିକ ସୂଚନା ପରେ ପ୍ରଥମ ଥର ପାଇଁ ସଂଭାବନାର କିଛି ଶୁଭେଚ୍ଛୁ ସାମ୍ବାଦିକ ଅପୂର୍ବ ମହାନ୍ତି, ଅମ୍ବୁଜ କୁମାର ଦେଓ ସାମନ୍ତ,ସଂଗ୍ରାମ ଦାସ,ଅଧ୍ୟାପକ ସତ୍ୟ ସୁନ୍ଦର ସାହୁ ଓ ପିଜେ ଗ୍ରୁପର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଜେନା ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉପସ୍ଥିତ ଶିଶୁ-କିଶୋର ନୃତ୍ୟ ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ଯୋଗ ଦେଇଥିଲେ, ଗୁରୁ ଦେବବ୍ରତ ଦାସ ଓ ରଶ୍ମିତା ରାଜ ନନ୍ଦିନୀ ପାଣିଗ୍ରାହୀ। ପଚାଶରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି,ସଦସ୍ୟ ରାଜଶ୍ରୀ ଶତପଥି, ପ୍ରଫୁଲ୍ଲ ଦେ ପ୍ରମୁଖ ପରିଚାଳନା କରିଥିଲେ।

## ସ୍କାଉଟସ୍ ଗାଇଡସ୍ ତରଫରୁ ରାମ ନବମୀ ସେବା ଶିବିର



ଭୁବନେଶ୍ୱର (ପିଏନ୍): ରାଜ୍ୟ ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ଏବଂ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ପବିତ୍ର ଶ୍ରୀରାମ ନବମୀ ଅବସରରେ ସେବା କାର୍ଯ୍ୟ ଯୋଗାଇ ଦେଇଥିଲେ। ଓଡିଶାର ବିଭିନ୍ନ ମହାବିଦ୍ୟାଳୟରୁ ମୋଟ ୭୦ ଜଣ ରୋଭରଙ୍କୁ ନେଇ ଏହି ସେବା ଶିବିର ଆୟୋଜନ କରାଯାଇଅଛି । ଖରା ଓ ଗରମ ଦାଉରୁ ଭକ୍ତମାନେ ରକ୍ଷାପାଇବା ପାଇଁ ରୋଭରମାନେ ଭକ୍ତମାନଙ୍କୁ ଦହି ପାଣି, ଥଣ୍ଡା ପାନୀୟଜଳ ବଣ୍ଟନ କରିବା ସଙ୍ଗେ ସଙ୍ଗେ ଖରା ତାତିରୁ ରକ୍ଷା ପାଇବା ପାଇଁ ଭକ୍ତମାନଙ୍କ ଉପରେ ସ୍ପ୍ରେୟର ସାହାଯ୍ୟରେ ପାଣି ସି ନ କରିଥିଲେ, ଚାଲିବା ସ୍ଥାନରେ ପାଣି ଢ଼ାଳି ରାସ୍ତାକୁ ଥଣ୍ଡା ରଖୁଥିଲେ, ଲୋକମାନଙ୍କୁ ସୁବିଧାରେ ଦର୍ଶନ କରିବା ପାଇଁ ଲାଇନ୍ ମାଧ୍ୟମରେ ଲୋକମାନଙ୍କୁ ଭିତରକୁ ପ୍ରବେଶ କରାଉଥିଲେ, ମନ୍ଦିର ପରିସରରେ ଥିବା ଦୀପସ୍ଥାନ ଏବଂ ରାସ୍ତାରେ ପଡିଥିବା ଅଳିଆ ଆବର୍ଜନାକୁ ସଫା କରୁଥିଲେ, ଅସୁସ୍ଥ ଲୋକମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇଥିଲେ। ଏତଦ୍‌ବ୍ୟତୀତ ଜନଗହଳିକୁ ଏଡାଇବା ପାଇଁ ପୋଲିସ ଏବଂ ଟ୍ରାଫିକ୍‌ମାନଙ୍କୁ ସାହାଯ୍ୟ କରୁଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପି.ଏନ): ଭୁବନେଶ୍ୱର ଠାରେ ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକ ପୂର୍ବରୁ ଏକ ମାସବ୍ୟାପୀ ଜନଭାଗିଦାରୀ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି କ୍ରମରେ ଆଜି ଭୁବନେଶ୍ୱର ସ୍ଥିତ ସିଟିସି ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ଏକ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଏଥିରେ ଜି-୨୦ ଲୋଗୋ ଡିଜାଇନ କରିଥିଲେ ।ଅନୁରୂପ ଭାବେ ଭୁବନେଶ୍ୱରର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ଭାରତରେ ଆୟୋଜିତ ହେଉଥିବା ଜି-୨୦ ସମ୍ମିଳନୀ ଉପରେ ଆଧାରିତ ଏକ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।ଅନ୍ୟପକ୍ଷରେ ଜି-୨୦ ଜନଭାଗିଦାରୀ ଅଭିଯାନ ଅଧୀନରେ ଭୁବନେଶ୍ୱରର ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟୁରିଜିମ୍ ଏଣ୍ଡ ଟ୍ରାଭେଲ୍ ମ୍ୟାନେଜମେଣ୍ଟ (ଆଇଆଇଟିଟିଏମ) ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପର୍ଯ୍ୟଟନ ଓ ଭ୍ରମଣ ଅଧ୍ୟୟନ ବିଭାଗ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଉଭୟ ଶିକ୍ଷାନୁଷ୍ଠାନ ପକ୍ଷରୁ 'ଐତିହ୍ୟ : ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ବିଷୟକୁ ନେଇ ଏକ ସେମିନାର ଆୟୋଜନ କରାଯାଇଥିଲା। ଶିକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କ୍ଷେତ୍ରରେ ସହଭାଗିତା ଏବଂ ଛାତ୍ରଛାତ୍ରୀଙ୍କ ନିଯୁକ୍ତି କୌଶଳ ବିକାଶରେ ସୁଧାର ଉଦ୍ଦେଶ୍ୟରେ ଉକ୍ତ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଏନଆଇଟି ରାଉରକେଲା ପକ୍ଷରୁ ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ ଅନ୍ତର୍ଗତ ରାଉରକେଲା ସେକ୍ଟର-୬ ଏବଂ ବରଗଡ଼ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ରୋବୋଟିକ୍ସ ଉପରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା ।ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକ ପୂର୍ବରୁ ଜନଭାଗିଦାରୀ ଅଭିଯାନ ଅଧୀନରେ ଭୁବନେଶ୍ୱରସ୍ଥିତ ଆଇସିଏମଆର ଆରଏମଆରସି ପକ୍ଷରୁ ପିପିଲି ସେଣ୍ଟ ଜେଭିୟର୍ସ ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ।ଜି-୨୦ ଜନଭାଗିଦାରୀ ଅଭିଯାନ ଅଧୀନରେ ଆଇଜର ବ୍ରହ୍ମପୁର ପକ୍ଷରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଏକ ମତବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପକ୍ଷରୁ ଜି-୨୦ ଜନଭାଗିଦାରୀ ଅଧୀନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଗଣିତ ଶିକ୍ଷକମାନଙ୍କ ପାଇଁ କ୍ଷମତା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ।ଅନ୍ୟପଟେ ଭୁବନେଶ୍ୱରର ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଆଜି ଜନଭାଗିଦାରୀ କାର୍ଯ୍ୟକ୍ରମ ଅଧୀନରେ ପ୍ରଶ୍ନୋତ୍ତର, ବକ୍ତୃତା, ସ୍ଲୋଗାନ, ପ୍ରବନ୍ଧ ଲେଖା, ଛାୟା ଜି-୨୦ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।

## ଖରସେଲ ସଂରକ୍ଷଣ ଜଙ୍ଗଲରୁ ଦୁଇଟି ଟ୍ରାକ୍ଟର, ୮୦ କ୍ୱିଂଟାଲ ଜାଳେଣି କାଠ ସହିତ ବାଇକ ଜବତ : ୪ ଗିରଫ

ବଲାଙ୍ଗିର,(ପି.ଏନ): ପାଟ୍ରୋଲିଂ କରୁଥିବା ସମୟରେ ବଲାଙ୍ଗୀର ରେଞ୍ଜ ର କର୍ମଚାରୀମାନେ ଓଡି ୦୩ ଆର୍ ୧୦୭୩ ଏବଂ ଓଡି୦୩ ଜେ-୩୪୦୩ ରେଜିଷ୍ଟ୍ରେସନ୍ ନମ୍ବର ଥିବା ଦୁଇଟି ଟ୍ରାକ୍ଟରକୁ ଜବତ କରିଥିଲେ। ଖରସେଲ ଆରଏଫ ଭିତରେ ୮୦ କ୍ୱିଂଟାଲ ଶାଳ ଜାଳେଣି ଏବଂ ପଞ୍ଜୀକରଣ ନମ୍ବର ଓଡି୦୩ ଜି-୧୫୪୨ ଥିବା ଏକ ବାଇକ୍ ଜବତ କରିଥିଲେ। ଦୁର୍ଯ୍ୟୋଧନ ମେହେର, ରତ୍ନାକର ଧରୁଆ, ପିଙ୍କୁ ଭୁଏ ଏବଂ ମିଲନ ବରିହା ନାମକ ଚାରି ଜଣଙ୍କୁ ଗିରଫ କରାଯାଇଥିଲା। ଜବତ ସାମଗ୍ରୀକୁ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇଥିଲା। ବର୍ତ୍ତମାନ ଏନେଇ ଅଧିକ ଅନୁସନ୍ଧାନ ଚାଲିଛି।

## ହତ୍ୟା ଷଡଯନ୍ତ୍ରର ଖୁଲାସା ହିଁ ନବ ଦାସଙ୍କ ପ୍ରତି ଶେଷ ଶ୍ରଦ୍ଧାଞ୍ଜଳୀ ହେବ: ବିଜେପି

ଝାରସୁଗୁଡା/ଭୁବନେଶ୍ୱର,(ପି.ଏନ): ଓଡିଶାର ଜଣେ ପ୍ରଭାବଶାଳୀ ବିଜେଡି ନେତା ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜଣେ କାର୍ଯ୍ୟରତ ପୋଲିସ ଅଧିକାରୀ ଦିନ ଦ୍ୱିପହରରେ ଗୁଳି କରି ହତ୍ୟା କଲେ । ରାଜ୍ୟ ସରକାର ମଧ୍ୟ କ୍ରାଇମବ୍ରାଂଚ ଦ୍ୱାରା ଘଟଣାର ତଦନ୍ତ କରାଇଲେ । ୮୦ ଦିନ ପରେ ମଧ୍ୟ ହତ୍ୟାକାଣ୍ଡର ମୁଖ୍ୟ କାରଣ ସଂପର୍କରେ ଜଣାପଡିଲା ନାହିଁ । ଆମେରିକା ସଂସ୍ଥା ନାଁରେ ଏଫବିଆଇ ତଦନ୍ତର ଭେଳିକି ୫୦ ଦିନ ପୂରିଲା, ଆପଣ ଏଥିରେ ସନ୍ତୁଷ୍ଟ କି ? ନିର୍ବାଚନ ଆୟୋଗ ନିଜ ସାମ୍ବିଧାନିକ ଦାୟିତ୍ୱାନୁଯାୟୀ ଖାଲି ପଡିଥିବା ଝାରସୁଗୁଡା ଉପନିର୍ବାଚନ କରାଉଛନ୍ତି । ଅପର ପକ୍ଷରେ ଦିବଙ୍ଗତ ନବ ଦାସଙ୍କ ଅବର୍ତମାନରେ ତାଙ୍କ ପରିବାରର ମୁରବୀ ସାଜିଥିବା ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସରକାର ସ୍ୱର୍ଗତ ନବ ଦାସ ଓ ତାଙ୍କ ପରିବାରକୁ କେବେ ନ୍ୟାୟ ଦେବେ ବୋଲି ରାଜ୍ୟ ବିଜେପି ମୁଖପାତ୍ର ମନୋଜ ମହାପାତ୍ର ପ୍ରଶ୍ନ କରିଛନ୍ତି । ଆନ୍ଧ୍ରପ୍ରଦେଶର ପୂର୍ବତନ ମନ୍ତ୍ରୀ ତଥା ବର୍ତମାନର ମୁଖ୍ୟମନ୍ତ୍ରୀ ୱାଇ.ଏସ.ଜଗନ ମୋହନ ରେଡ୍ଡିଙ୍କ କାକା ୱାଇ.ଏସ. ବିବେକାନନ୍ଦ ରେଡ୍ଡିଙ୍କ ରହସ୍ୟଜନକ ଭାବେ ମୃତ୍ୟୁ ଘଟଣାରେ ତାଙ୍କ ଝିଅ ସୁନୀତା ସିବିଆଇ ତଦନ୍ତ ପାଇଁ ଦାବି କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘ ୪ ବର୍ଷ ପରେ ବର୍ତମାନ ସେ ତାଙ୍କ ବାପାଙ୍କ ପ୍ରକୃତ ହତ୍ୟାକାରୀକୁ ଧରିବାରେ ସଫଳ ହୋଇଛନ୍ତି। ନବ ଦାସଙ୍କ ଝିଅ ସୁନୀତାଙ୍କୁ ରୋଲ ମଡେଲ କରି ତାଙ୍କ ବାପାଙ୍କ ହତ୍ୟାର ସତ୍ୟାସତ୍ୟ ଜାଣନ୍ତୁ ବୋଲି ସେ କହିଛନ୍ତି। ଝାରସୁଗୁଡା ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନିରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ନବ ବାବୁଙ୍କ ପରିବାର ସଦସ୍ୟ ଏବଂ ବର୍ତମାନର ମୁରବୀ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ହତ୍ୟାକାଣ୍ଡର ତଦନ୍ତ ଭାର ସିବିଆଇକୁ ପ୍ରଦାନ କରିବା ପାଇଁ ପତ୍ର ଲେଖନ୍ତୁ । ନଚେତ୍ ନବ ବାବୁଙ୍କ ଦାୟଦମାନେ ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ଆଶ୍ରୟ ନିଅନ୍ତୁ । ଅସଲ ଷଡଯନ୍ତ୍ରର ଖୁଲାସା ହେଲେ ପ୍ରକୃତ ଦୋଷୀ ସାମ୍ନାକୁ ଆସିବେ ଏବଂ ତାହା ହିଁ ଦିବଙ୍ଗତ ନବ ଦାସଙ୍କ ପ୍ରତି ଶେଷ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର୍ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ପଣ୍ଡା, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଓମପ୍ରକାଶ ମିଶ୍ର ଏବଂ ଜିଲ୍ଲା ସାଧାରଣ ସଂପାଦକ ବିମଳେନ୍ଦୁ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

## ନଦୀ ବାଲି ଓ ପାଣିର ହରିଲୁଟ୍‌କୁ ନେଇ ରାଜ୍ୟପାଳଙ୍କୁ ଫେରାଦ ହେଲା ବିଜେପି ନଦୀ ସୁରକ୍ଷା ସମିତି

ଭୁବନେଶ୍ୱର,(ପି.ଏନ): ଓଡ଼ିଶାର ୪.୫କୋଟିରୁ ଅଧିକ ଲୋକଙ୍କ ସହ ପଶୁ ଓ ପକ୍ଷୀ ମଧ୍ୟ ନଦୀ ଉପରେ ନିର୍ଭର କରିଥାନ୍ତି। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନଦୀଜଳ ପରିଚାଳନା ପାଇଁ ଓଡ଼ିଶାର ନଦୀଗୁଡିକ ଶୁଷ୍କ ଓ ପ୍ରଦୂଷିତ ହୋଇଗଲାଣି। ଏନେଇ ଭାରତୀୟ ଜନତା ପାର୍ଟି ନଦୀ ସୁରକ୍ଷା ସମିତି(ନମାମୀ ଗଙ୍ଗେ)ର ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଏସମ୍ପର୍କରେ ଏକ ଦାବିପତ୍ର ଦେଇଛନ୍ତି ।କଳ କାରଖାନା ଓ ଶିଳ୍ପଗୁଡିକ ଯେତିକି ପରିମାଣର ଜଳ ନେବାକୁ ଅନୁମତି ଦିଆଯାଉଛି ସେମାନେ ତା'ଠାରୁ ଅଧିକ ଜଳ ନଦୀଗୁଡିକରୁ ଶୋଷି ନେଉଛନ୍ତି। ଶିଳ୍ପ କାରଖାନା ପାଣିକୁ ବ୍ୟବହାର ପରେ ୱାଟର ଟ୍ରିଟମେଂଟ ପ୍ଲାଂଟ୍ ଯୋଗେ ପରିଷ୍କାର କରି ପୁର୍ନବାର ବ୍ୟବହାର କରିବା କଥା ମାତ୍ର ମଇଳା ପାଣିକୁ ସଫା ନକରି ସିଧାସଳଖଭାବେ ନଦୀକୁ ଛାଡୁଥିବାରୁ ନଦୀଜଳ ପ୍ରଦୂଷିତ ହେଉଛି। ସେହିପରି ସହରାଂଚଳରେ ଥିବା ଡ୍ରେନ ପାଣି ବିଶୁଦ୍ଧ କରାନଯାଇ ସିଧା ନଦୀରେ ଛଡାଯାଉଛି। ସେହିପରି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ନିର୍ଦ୍ଦେଶାବଳୀ ଅନୁଯାୟୀ ବର୍ଷା ଋତୁରେ ନଦୀରୁ ବାଲି ଉଠାଇବାକୁ ବାରଣଥିବାବେଳେ ଏହାକୁ ଉଲଘଂନ କରି ବାଲି ମାଫିଆମାନେ ବର୍ଷାଦିନେ ନଦୀମାନଙ୍କରୁ ବାଲି ଚାଲାଣ କରୁଛନ୍ତି। ଶାସକ ଦଳର ନେତା, ମନ୍ତ୍ରୀମାନଙ୍କ ଚାପ ଯୋଗୁଁ ଆରଆଇ, ତହସିଲଦାରମାନେ ବାଲିମାଫିଆମାନଙ୍କୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବାଲି ପଟାଦାରମାନଙ୍କୁ ସରକାରୀ ନିୟମକୁ ଉଲଘ୍ନନ କରି ଶାସକ ଦଳର ଚାପରେ ଲାଇସେନ୍ସ ପ୍ରଦାନ କରାଯାଇଛି। କେନ୍ଦୁଝର, ଯାଜପୁର, କଟକ, ଖୋର୍ଦ୍ଧା, ଭଦ୍ରକ, ମୟୂରଭଞ୍ଜ, ବଲାଙ୍ଗିର, ସମ୍ବଲପୁର, ଗଞ୍ଜାମ ଓ ବୌଦ୍ଧ ଜିଲ୍ଲାମାନଙ୍କରେ ବର୍ଷା ଦିନେ ଗ୍ରୀନ ଟ୍ରାବୁନାଲର ନିୟମକୁ ଉଲଘଂନ କରି ଦିନ ଦ୍ୱିପହରେ ଖୁଲମଖୁଲା ବାଲି ଉତୋଳନ କରାଯାଉଛି। ଏଥିପ୍ରତି ରାଜ୍ୟ ସରକାର ଅବହେଳା ନକରି ଜଳ ପ୍ଲାବିକ ଓ ପ୍ରଦୂଷଣ ମୁକ୍ତ ପାଇଁ ଯଥାଶୀଘ୍ର ପଦକ୍ଷେପ ନିଅନ୍ତୁ। ଯଦି ନବୀନ ବାବୁ ଏଥିପ୍ରତି ପଦକ୍ଷେପ ନନେବେ ତାହାଲେ ବିଜେପି ନଦୀ ସୁରକ୍ଷା ସମିତି ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ କରିବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି ।ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ଉପଦେଷ୍ଟା ଅଶ୍ରୁମୋଚନ ମହାନ୍ତି, ରାଜ୍ୟ ସହ ସଂଯୋଜକ ଅଶୋକ କୁମାର ରଥ, କୃଷକମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷିକେଶ ଜେନା ଓ କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ରାଜ୍ୟ ସହସଂଯୋଜକ ଦୁର୍ଯ୍ୟୋଧନ ଲେଙ୍କା, କଟକ ଜିଲ୍ଲା ସଂଯୋଜକ ସଞ୍ଜୀବ ରଣା, କଟକ ନଗର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ କୁମାର ବେହେରା, ବାଇଧର ଚିନ୍ଦ୍ରା ଓ ମନୋଜ କୁମାର ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ଦ୍ଧାରିତ ସମୟରେ କୃଷି ଉଦ୍ୟୋଗୀ ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ କୃଷି ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,(ପି.ଏନ): ରାଜ୍ୟର ଜନଜାତି ଅଧ୍ୟୁଷିତ ଜିଲ୍ଲାରେ ନୂତନ କୃଷି ଉଦ୍ୟୋଗୀ ସୃଷ୍ଟି କରିବା ଲକ୍ଷ୍ୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା କୃଷି ଉଦ୍ୟୋଗୀ ପ୍ରୋତ୍ସାହନ ଯୋଜନା (ଏଇପିଏସ୍)ର ସଫଳ ରୂପାୟନ ନିମନ୍ତେ ଅଧିକାରୀମାନେ ଅଧିକ ତତ୍ପରତା ପ୍ରକାଶ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏ ଦିଗରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ଅଧିକାରୀମାନେ ପ୍ରତି ମାସରେ ସମନ୍ୱୟ ବୈଠକ କରି ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ହିତାଧିକାରୀ ଚୟନ ଓ ପ୍ରଶିକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।ମଙ୍ଗଳବାର କୃଷି ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଅବସରରେ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ହିତାଧିକାରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟ ନିମନ୍ତେ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଯେପରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯୋଜନା କାର୍ଯ୍ୟକାରୀ ହୋଇପାରିବ । କୃଷି ଉଦ୍ୟୋଗୀ ପ୍ରୋତ୍ସାହନ ଯୋଜନାରେ ରାଜ୍ୟର ୧୨ଟି ଜନଜାତି ଅଧ୍ୟୁଷିତ ଜିଲ୍ଲାର ୪୦ଟି ବ୍ଲକ୍ ରେ ଏକ ହଜାର ନୂତନ କୃଷି ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଚିହ୍ନଟ କରାଯାଇଥିବା ହିତାଧିକାରୀମାନଙ୍କୁ ବିଭିନ୍ନ ଯୋଜନାରେ କୃଷିକ୍ଷେତ୍ରରେ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା, ବିହନ ଉତ୍ପାଦନ, କଷ୍ଟମ ହାୟାରିଂ କେନ୍ଦ୍ର ପ୍ରତିଷ୍ଠା ମାଧ୍ୟମରେ କୃଷି ଯନ୍ତ୍ରପାତି ଭଡ଼ାରେ ଦେବା ଏବଂ ଛେଳି ଓ କୁକୁଡ଼ା ପାଳନ, ମାଛ ଜାଆଁଳ ଉତ୍ପାଦନ ଆଦି କାର୍ଯ୍ୟକ୍ରମ କରିବା ପାଇଁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ ସହିତ ବିକ୍ରିବଟାର ସୁବିଧା ଏବଂ ବିଭିନ୍ନ ଅର୍ଥଲଗାଣ ସଂସ୍ଥା ମାଧ୍ୟମରେ ଋଣ ପ୍ରଦାନ ଆଦିର ବ୍ୟବସ୍ଥା କରାଯାଉଛି । ପ୍ରଶିକ୍ଷଣ ପରେ ହିତାଧିକାରୀମାନଙ୍କୁ କୃଷି ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ବିଭାଗ ପକ୍ଷରୁ ଏକ ବର୍ଷ ପର୍ଯ୍ୟନ୍ତ ଇନ୍‌କ୍ୟୁବେସନ୍ ସହାୟତା ଯୋଗାଇ ଦିଆଯାଉଛି । ସଂପ୍ରତି ଏହି ଯୋଜନା ରାଜ୍ୟର କୋରାପୁଟ, ରାୟଗଡ଼ା, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗିର, ସମ୍ବଲପୁର, ବୌଦ୍ଧ, ଝାରସୁଗୁଡ଼ା, କନ୍ଧମାଳ ଓ ଢେଙ୍କାନାଳ, କନ୍ଧମାଳ ଓ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି । ଯୋଜନାର ସଫଳ ରୂପାୟନ ଫଳରେ ରାଜ୍ୟର ଗ୍ରାମୀଣ ଅର୍ଥନୀତିରେ ବିକାଶ ଘଟିବା ସହିତ ରାଜ୍ୟର କୃଷି କ୍ଷେତ୍ରରେ ଏକ ଔଦ୍ୟୋଗିକ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ, 'ପ୍ରଦାନ' ଓ 'ୱାସାନ୍'ର କର୍ମକର୍ତାମାନେ ଯୋଗଦେଇଥିବାବେଳେ ଭିଡ଼ିଓ କନ୍‌ଫରେନ୍ସି ମାଧ୍ୟମରେ ୧୨ଟି ଜିଲ୍ଲାର କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରର ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

## ୧୦୦ ତମ ମନ କି ବାତ୍ କାର୍ଯ୍ୟକ୍ରମର ବୁଥ ୱାରୀ ପ୍ରସାରଣ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, (ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ ମନ କି ବାତ୍ ର ୧୦୦ ତମ ସଂସ୍କରଣକୁ ପ୍ରତି ବୁଥରେ ପ୍ରସାରଣ କରାଯିବ । ଏପ୍ରିଲ ୩୦ ତାରିଖରେ ହେବାକୁ ଥିବା ଏହି ରେଡିଓ କାର୍ଯ୍ୟକ୍ରମର ପ୍ରସାରଣ ବାର୍ତା ଯେପରି ପ୍ରତି ଭୋଟରଙ୍କ ପାଖରେ ପହଁଚି ପାରିବ ସେଥିପାଇଁ ଜିଲ୍ଲା ବିଜେପି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଗରାପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସୂଚନା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜଣା ପଡୁଥିବା ବେଳେ ଦେଶର ବିଭିନ୍ନ ଗ୍ରାମାଂଚଳରେ ରହୁଥିବା ଲୁକାୟିତ ପ୍ରତିଭା ମାନଙ୍କୁ ମଧ୍ୟ ଲୋକ ଲୋଚନକୁ ଅଣାଯାଇ ପାରୁଛି ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

## ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Friday April 21, 2023 ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ ୨୧,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# କିଟ୍ ଛାତ୍ରୀ ଜିତିଲେ ମିସ୍ ଟିନ୍ ୟୁନିଭରସ ଇଣ୍ଡିଆ ଟାଇଟଲ୍

ଭୁବନେଶ୍ୱର,(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟ ଫ୍ୟାସନ ସ୍କୁଲ୍ ଛାତ୍ରୀ ତ୍ରିଷ୍ଟା ରାୟ ଚଳିତବର୍ଷର ମିସ୍ ଟିନ୍ ୟୁନିଭର୍ସ ଇଣ୍ଡିଆ ୨୦୨୩ ଟାଇଟଲ ହାସଲ କରିଛନ୍ତି। ଅପ୍ରେଲ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁରଠାରେ ଚାଲିଥିବା ନ୍ୟାସ୍‌ନାଲ୍ ପିଜିଏଣ୍ଟ ଅଫ୍ ମିସ୍ ଟିନ୍ ଡିଭା ୨୦୨୨ ପ୍ରତିଯୋଗିତାରେ ତିଷ୍ଟା ଅଂଶ ଗ୍ରହଣ କରି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ବିଉଟି ଉଇଥ ବ୍ରେନ୍ସ, ର୍ୟାମ୍ପ ୱାକ, ସ୍ୱିଚ୍ ରାଉଣ୍ଡ ଓ 'ମିସ୍ ଟିନ୍ ଇଣ୍ଡିଆ ଇଷ୍ଟ' ଆଦି ଜଟିଳ ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନ କରି ଶେଷରେ ସେ ମିସ୍ ଟିନ୍ ୟୁନିଭର୍ସ ଇଣ୍ଡିଆ ୨୦୨୩ ଟାଇଟଲ୍ ହାସଲ କରିଥିଲେ। ଏହାପରେ ସେ ଅନ୍ତର୍ଜାତୀୟସ୍ତରରେ ଭାରତର ପ୍ରତିନିଧିତ୍ୱ କରିବେ। ଗ୍ଲାମ୍ ଆନନ୍ଦ ପ୍ରାଇଭେଟ୍ ଲିମିଟେଡ୍ ଓ ଭାରତ ୨୪ ଚ୍ୟାନେଲ୍ ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ତ୍ରିଷ୍ଟାଙ୍କ ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କିଟ୍ ଫ୍ୟାସନ୍ ସ୍କୁଲ୍‌ରେ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷାଦାନ ସହ ବିଭିନ୍ନ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସୁଯୋଗ ଦିଆଯାଉଥିବାରୁ ଏଭଳି ସଫଳତା ମିଳିପାରୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହା ସହିତ ସେ କିଟ୍ ଫ୍ୟାସନ୍ ସ୍କୁଲ୍‌ର ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଆମ ଅମୃତଝରର ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ




କେନ୍ଦୁଝର,(ପି.ଏନ): କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କୁ ଲକ୍ଷ୍ୟ କରି ଏକ ପାନୀୟ ଜଳ ପ୍ରକଳ୍ପ ଗୁରୁବାର ଦିନ ପୌରାଧକ୍ଷ ନିକୁ ସାହୁଙ୍କ ଦ୍ୱାରା ଲୋକାର୍ପଣ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଧିମନ ଚକମା(ଆଇଏଏସ),ଅତିରିକ୍ତ ନିର୍ବାହୀ ଅଧିକାରୀ ଡକ୍ଟର ମଧୁସ୍ମିତା ସାମନ୍ତରାୟ,ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସଙ୍କ ସମେତ କାଉନସିଲର ମାନେ ଉପସ୍ଥିତ ଥିଲେ। କେନ୍ଦୁଝରଗଡ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ପାର୍ଶ୍ୱରେ ପାନୀୟ ଜଳ ପ୍ରକଳ୍ପ ଯୋଗୁଁ ଜନସାଧାରଣ ଗ୍ରୀଷ୍ମ ଋତୁ ବ୍ୟତୀତ ଅନ୍ୟ ଦିନେ ୨୪ ଘ ିଆ ଥଣ୍ଡା ଓ ବିଶୁଦ୍ଧ ଜଳ ପାଇପାରିବେ। ଏହି ପ୍ରକଳ୍ପ ସ୍ଥାନୀୟ ଜନସାଧାରଣ ଏବଂ ପଥଚାରୀଙ୍କ ବ୍ୟବହାରରେ ଲାଗିବ। ଜନସାଧାରଣଙ୍କ ଆବଶ୍ୟକତା ଲକ୍ଷ୍ୟ କରି କେନ୍ଦୁଝର ସହରରେ ଏହିପରି ଆଉ ୧୨ଟି ପ୍ରକଳ୍ପ ଖୁବ୍ ଶୀଘ୍ର ଆରମ୍ଭ ହେବ। ପ୍ରତ୍ୟେକ ପାଣି ପ୍ରକଳ୍ପ ନିକଟରେ ଏହି ଅଭିଯୋଗ ଖାତା ରଖାଯିବ, ଯେଉଁଥିରେ ଜନସାଧାରଣ ନିଜର ଅଭିଯୋଗ ଏବଂ ମତାମତ ଲିପିବଦ୍ଧ କରିପାରିବେ। ସେହି ଆଧାରରେ ଏହି ପ୍ରକଳ୍ପ ସମ୍ବନ୍ଧୀୟ ପରବ ୀ ପଦକ୍ଷେପ ନିର୍ଣ୍ଣୟ କରିବ। କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ତେଲକୋଇ ବସଷ୍ଟାଣ୍ଡ,କରିଆ ବସଷ୍ଟାଣ୍ଡ,କଚେରୀ ଛକ,ମେଡିକାଲ ଛକ ସମେତ ସହରର ୧୨ ଟି ସ୍ଥାନରେ ଆମ ଅମୃତଝର ପ୍ରକଳ୍ପ ନିର୍ମାଣ କରାଯିବ।

## ଜଳ ସଙ୍କଟ ଦୂର ନିମନ୍ତେ ଉପଜିଲ୍ଲାପାଳଙ୍କ ୱାର୍ଡ ପରିଦର୍ଶନ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ପ୍ରଶାସନ ପକ୍ଷରୁ ସୋସିଆଲ ମିଡିଆରେ ଉପଜିଲ୍ଲାପାଳ ଏକ ଅଭିଯୋଗ ପ୍ରକୋଷ୍ଠ ଖୋଲିଥିବା ବେଳେ ଉପଖଣ୍ଡର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଏକ ପ୍ରୟାସ ଆରମ୍ଭ କରିଥିଲେ। ଆନନ୍ଦପୁର ପୌରପରିଷଦର ୩, ୪, ୫ ନଂ ୱାର୍ଡରେ ଜଳ ସଂଙ୍କଟ ଦେଖା ଦେଇଥିବା ଅଭିଯୋଗ ହୋଇଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠି, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କ ସମେତ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଉପସ୍ଥିତ ରହି ୱାର୍ଡ ଗୁଡିକରେ ସୂଚାରୁରୂପେ ଜନସାଧାରଣ କିପରି ପାନୀୟ ଜଳ ସଂକଟରୁ ଉଦ୍ଧାର ପାଇପାରିବେ ସେଥିପାଇଁ ୱାର୍ଡ ପରିଦର୍ଶନ କରିଥିଲେ। ଇଷ୍ଟ ଇଣ୍ଡିଆ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିବା ବେଳେ ୬୯ କୋଟି ବ୍ୟୟରେ ଆନନ୍ଦପୁର ମେଘା ପ୍ରକଳ୍ପ ଆରମ୍ଭ କରିଥିବା ପାଇପ୍ ଲାଇନ୍ କାମ ଠିକ୍ ଭାବେ ହେଉଛି କି ନାହିଁ ତାହାର ତଦାରଖ କରିବାକୁ ଉପଜିଲ୍ଲାପାଳ ଶ୍ରୀ ସେଠି ଠିକା ସଂସ୍ଥାର ବିଭାଗୀୟ କ ୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ହୀରାପୁର ପଂଚାୟତରେ ଦୁର୍ନୀତି ଅଭିଯୋଗ ଆଣି ପୂର୍ବତନ ସରପଂଚଙ୍କ ଆମରଣ ଅନଶନ ଦ୍ୱିତୀୟ ଦିନରେ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକର ହୀରାପୁର ପଂଚାୟତରେ ହୋଇଥିବା ଦୁର୍ନୀତିର ତଦନ୍ତ ନ ହେବାରୁ ପୂର୍ବତନ ସରପଂଚ ରାଧାନାଥ ବିଶ୍ୱାଳଙ୍କ ଆମରଣ ଅନଶନ ଆଜି ଦ୍ୱିତୀୟ ଦିନରେ। ସେ ଲୋଇସିଂହା ବ୍ଲକ୍ କାର୍ଯ୍ୟାଳୟ ଆଗରେ ଗତକାଲି ଠାରୁ ଆମରଣ ଅନଶନରେ ବସିଛନ୍ତି।ସେ କହିଛନ୍ତି ଯେ, ପଂଚାୟତରେ କିଛି କାମ ନହୋଇ ମଧ୍ୟ ବିଲ ହୋଇଛି। ଶ୍ରୀ ବିଶ୍ୱାଳ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ଗୋଟିଏ କାମରେ ଦୁଇ ଦୁଇ ଥର ବିଲ ହୋଇଛି। ମନରେଗା କଥା ନ କହିବା ଭଲ। ବ୍ୟକ୍ତି ବିଶେଷ ନଥାଇ ମଧ୍ୟ ତାଙ୍କ ନାମରେ ଟଙ୍କା ଉଠା ଯାଇଛି। ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ସେ ପ୍ରଥମେ ଆରଟିଆଇ ରେ ତଥ୍ୟ ମାଗିଥିଲେ। ତଥ୍ୟରୁ ସେ ଜାଣିବାକୁ ପାଇଲେ ୫ ବର୍ଷ ମଧ୍ୟରେ ସର୍ବମୋଟ ୪୩ ପ୍ରକାର କାମ ଉପରେ ଦୁର୍ନୀତି ହୋଇଛି। ତାପରେ ସେ ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ, ହେଲେ ବର୍ଷ ବର୍ଷ ବିତି ଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଫଳରେ ସେ ବାଧ୍ୟ ହୋଇ ଅନଶନରେ ବସିଥିବା କହିଛନ୍ତି। ଏହା ଉପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବା ପର୍ଯ୍ୟନ୍ତ ମୁଁ ଅନଶନରେ ବସିବି ବୋଲି ପ୍ରକାଶ କରିଛନ୍ତି ପୂର୍ବତନ ସରପଂଚ ରାଧାନାଥ ବିଶ୍ୱାଳ।

# ଧୃପଦା ଓଭରବ୍ରିଜରୁ ଖସିପଡି ଯୁବ ଇନିୟର ମୃତ

କେନ୍ଦୁଝର,(ପି.ଏନ): ଟାଉନ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୪୯ ର ଧୃପଦା ଓଭରବ୍ରିଜ ଉପରୁ ନିୟନ୍ତ୍ରଣ ହରାଇ ଜଣେ ବାଇକ ଚାଳକ ୩୦ ଫୁଟ ତଳକୁ ଖସି ପଡିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଗତ କାଲି ରାତି ପ୍ରାୟ ୯ଟା ୩୦ ରେ ସେ ନିଜ ଘରୁ ଓଡି ୦୯-ଏସ-୫୪୨୮ ନମ୍ବର ବିଶିଷ୍ଟ ବାଇକରେ ସେ କାର୍ଯ୍ୟ କରୁଥିବା ଓଡିଶା ସ୍ଵ ଆଇରନ କମ୍ପାନୀକୁ ଯାଉଥିବା ବେଳେ ଓଭରବ୍ରିଜ ଫିକ୍ସନ ସ୍ଲାବ ରେ ପିଟିହୋଇ ଦୁର୍ଘଟଣାରେ ତଳକୁ ଛିଟିକି ପଡିଥିଲେ। ଜାତୀୟ ରାଜପଥ ପ୍ରାଧିକରଣ ର ଆମ୍ବୁଲାନ୍ସରେ ତାଙ୍କୁ ତୁରନ୍ତ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ହେଲେ ପୁରୀ ଜିଲ୍ଲା କାକଟପୁର ଥାନା ଅରୁଣ କୁମାର ମିଶ୍ର ଙ୍କ ପୁଅ ସନ୍ତୋଷ କୁମାର ମିଶ୍ର(୨୨) ବୋଲି ଜଣାପଡିଛି। ମୃତ୍ୟୁ ପରେ ଏକ ମାତ୍ର ପୁଅ ହରାଇ ପରିବାର ଲୋକ ମ୍ରିୟମାଣ ହୋଇ ପଡିଛନ୍ତି। ମୃତ ସନ୍ତୋଷ କୁମାର ମିଶ୍ର ଗତ ୨ମାସ ହେବ ପଳାଶପଙ୍ଗା ସ୍ଥିତ ଓଡିଶା ସ୍ଵ ଆଇରନ କାରଖାନାରେ ଟର୍ବାଇନ ଇନିୟର ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ଟାଉନ ପୋଲିସ କେସ ନଂ ୧୬୦/୨୦୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଦୁର୍ଘଟଣା ଘଟିଥିବା ଜାତୀୟ ରାଜପଥ ୪୯ ର ଧୃପଦା ଓଭରବ୍ରିଜ ର ଉକ୍ତ ସ୍ଥାନରେ ଗତ ମାର୍ଚ୍ଚ ମାସରେ ଅନୁରୂପ ଭାବେ ଜଣେ ବାଇକ ଚାଳକ ଦୁର୍ଘଟଣା ପରେ ତଳକୁ ଖସି ପଡି ମୃତ୍ୟୁବରଣ କରିଥିଲେ। ରାସ୍ତା ନିର୍ମାଣ ସମୟରେ ଡିଜାଇନ ରେ ତୃଟି ଥିବାରୁ ଉକ୍ତ ସ୍ଥାନରେ ଦୃତ ଗତିରେ ଗାଡି ଚାଳନା ସମୟରେ ବାଇକ ଚାଳକ ନିୟନ୍ତ୍ରଣ ହରାଇ ବସୁଛନ୍ତି। ଫଳରେ ସ୍ଲାବରେ ପିଟି ହୋଇ ଦୁର୍ଘଟଣା ଘଟୁଛି। ଲୋକଙ୍କ ସୁରକ୍ଷା ଦୃଷ୍ଟି କୋଣରୁ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଦୁର୍ଘଟଣା ହେଉଥିବା ସ୍ଥାନରେ ଲୁହା ତାର ଜାଲି ଦେବାକୁ ଦାବୀ ହୋଇଛି।

# ନିଗମ ମୋଟର୍ସର ଶୁଭ ଉଦ୍‌ଘାଟନ




କେନ୍ଦୁଝର,(ପି.ଏନ):କେନ୍ଦୁଝର ସହର ଉପକଣ୍ଠ ନରଣପୁର ଠାରେ ଆଜି ଅପରାହ୍ନରେ ନିଗମ ମୋଟର୍ସର ଜୟ ଇ ବାଇକ୍ ଶୋ ରୁମ୍‌ର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି ଉଦ୍‌ଘାଟନ ଦିବସରେ ସଦର, ଘଟଗାଁ, ହରିଚନ୍ଦନପୁର ବ୍ଲକ ତଥା ଆଖପାଖ ଅଂଚଳରୁ ବହୁ ଜନସାଧାରଣଙ୍କ ସମାଗମ ହୋଇଥିଲା। ଡିଜେଲ ଓ ପେଟ୍ରୋଲ ଦର ହୁ ହୁ ହୋଇ ବଢୁଥିବା ବେଳେ ଇ-ବାଇକ୍ ପ୍ରତି ଜଜନସାଧାରଣଙ୍କ ଆଗ୍ରହ ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରସାନନ୍ଦ ବେହେରା ଏବଂ ସତ୍ୟପ୍ରକାଶ ଖଣ୍ଡେଇ ମିଳିତ ଭାବେ ଜୟ ଇ ବାଇକ ସୋରୁମ୍ ଆରମ୍ଭ କରିଛନ୍ତି। ଏଥିରେ ବିଭିନ୍ନ ମଡେଲ ଏବଂ ଉନ୍ନତମାନର ଇ ବାଇକ୍ ବିକ୍ରୟ ପାଇଁ ଉପଲବ୍ଧ ରହିଛି। ଉଦ୍‌ଘାଟନ ଦିବସରେ ମେଗା ଅଫର ଭାବେ ୭ ହଜାର ଟଙ୍କା ରିହାତି ରହିଥିଲା ଏବଂ ଆସନ୍ତା ୩୦ ଦିନ ପର୍ଯ୍ୟନ୍ତ ୫୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ସୁବିଧା ରହିଛି। ଏତଦ୍ ବ୍ୟତୀତ ଇ-ବାଇକ୍‌ର ପ୍ରତ୍ୟେକ ମଡେଲ ପାଇଁ ସମସ୍ତ ଆସୋସୋରିଜ୍ ମଧ୍ୟ ମାଗଣାରେ ମିଳିବାର ସୁବିଧା ରହିଛି। ଜୟ ଇ ବାଇକ୍ ସୋରୁମ୍‌ରୁ ଯେଉଁ ବ୍ୟକ୍ତି ଗାଡି କିଣିବ ୩ ବର୍ଷ ପାଇଁ ସମ୍ପୂର୍ଣ୍ଣ ୱାରେ ି ବାଇକ୍ ଏବଂ ବ୍ୟାଟେରୀ ପାଇଁ ରହିଛି ବୋଲି ସୋରୁମ୍‌ର ପାର୍ଟନର ରସାନନ୍ଦ ବେହେରା ଏବଂ ସତ୍ୟ ପ୍ରକାଶ ଖଣ୍ଡେଇ ପ୍ରକାଶ କରିଛନ୍ତି।

# ବନ୍ଦ ହୋଇଥିବା ବିଦ୍ୟାଳୟକୁ ଚାଲୁ କରିବା ପାଇଁ ଜିଲ୍ଲା ଶିକ୍ଷା ବିଭାଗର ଯା

ହାଟଡିହି,(ପି.ଏନ):କେନ୍ଦୁଝର ଜିଲ୍ଲା ହାଟଡିହି ଗୋଷ୍ଠୀ ଶିକ୍ଷା ଅଧିନ ମରେଇଗାଁ ପଂଚାୟତ ଗୁହାଳଗଡିଆ ପ୍ରାଥମିକ ବିଦ୍ୟାଳୟଟି ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ଥିବା ଯୋଗୁଁ ସରକାରଙ୍କ ନିୟମ ଅନୁସାରେ ଏକ ବର୍ଷରୁ ଉର୍ଦ୍ଧ୍ୱ ବନ୍ଦ ହୋଇଯାଇଥିଲା। ଏହାର ପ୍ରତିବାଦରେ ବାରମ୍ବାର ଗ୍ରାମବାସୀ ସରକାରଙ୍କ ପାଖରେ ଅଭିଯୋଗ କରି ଆସୁଥିଲେ। ବିଦ୍ୟାଳୟ ଚାଲୁ କରିବା ପାଇଁ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀ ଏବଂ ହାଟଡିହି ଗୋଷ୍ଠୀ ଶିକ୍ଷାଧିକାରୀ ଧନେଶ୍ୱର ଖଣ୍ଡେଇ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ, ସିଆରସି ଉପସ୍ଥିତ ରହି ବିଦ୍ୟାଳୟର ୩୪ଜଣ ଛାତ୍ରଛାତ୍ରୀଙ୍କର ଆଧାରକାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଯା ଚ କରିବା ସହିତ ଅଭିଭାବକ ମାନଙ୍କୁ ପଚାରି ବୁଝିଥିଲେ। ଏଥିରେ ଗୁହାଳିଆ, ନିଶଙ୍କପୁର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀ ଓ ଅଭିଭାବକମାନେ ଉକ୍ତ ବିଦ୍ୟାଳୟ ଚାଲିବା ପାଇଁ ଆଶା ପ୍ରକଟ କରିଛନ୍ତି।

# ଜି୨୦-୨୦୨୩ ଜନଭାଗୀଦାରି ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,(ପି.ଏନ):ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ କେନ୍ଦୁଝର ଜନ ଶିକ୍ଷଣ ସଂସ୍ଥାନ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜନ ଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ବିଶ୍ୱାଳ ଉଦ୍‌ଘାଟନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଗତ ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୨୮ ତାରିଖରେ ଉଦ୍‌ଯାପନ ହେବ। କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ଜି ୨୦ ଉପରେ କୁଇଜ୍ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା, ସ୍ୱଚ୍ଛତା ସଚେତନତା, ବୃକ୍ଷରୋପଣ, ଯୋଗାଭ୍ୟାସ, ରଙ୍ଗୋଲି, ମହେନ୍ଦି ପ୍ରତିଯୋଗିତା ଏବଂ ଫେନ୍‌ସି ଡ୍ରେସ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ କରାଯାଇଛି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମ ପଂଚାୟତ ସେଣ୍ଡେକାପ ଗ୍ରାମର ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ରଙ୍ଗୋଲି ଏବଂ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ପ୍ରାରମ୍ଭରେ ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କୁ ନେଇ ଏକ ରାଲି ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ସ୍ଲୋଗାନମାନ ଦେଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ସ୍ଥାନୀ ସରପ ସଂଜୟ ମୁଣ୍ଡା, ଜିଲ୍ଲାପରିଷଦ ସଭ୍ୟ ରଥ ମୁଣ୍ଡା, ମୁଖ୍ୟ ବକ୍ତା ଭକ୍ତ ଭତ୍ସଳ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଗତ ୭ ତାରିଖ ଦିନ ନରଣପୁର ସ୍ଥିତ ପ୍ରୟାସ ଠାରେ ମାନସିକ ଅନଗ୍ରସର ଶିଶୁ ମାନଙ୍କୁ ନେଇ ଡ୍ୟାନ୍ସ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିବା ବେଳେ ୧୯ ତାରିଖ ଦିନ ଘଟଗାଁ ବ୍ଲକ ଅନ୍ତର୍ଗତ ମସିଣାଯୋଡି ଏଜୁକେସନାଲ ଜୁଆଙ୍ଗ ଛାତ୍ରୀ ମାନଙ୍କୁ ନେଇ ସୁନ୍ଦର ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟକ୍ରମମ ଅଧିକାରୀ ବିନୋଦ ମିଶ୍ର, ସହ-କାର୍ଯ୍ୟକ୍ରମ ଅଧିକାରୀ ସଂଜୀବ କୁମାର ଦାଶ ପରିଚାଳନା କରିଥିଲେ।

# ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସରେ ରାସ୍ତା ସଫେଇ ଓ ରୋଗୀଙ୍କୁ ଫଳ ବ ନ

ଘଷିପୁରା,(ପି.ଏନ):ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧ ଦିବସରେ ଘଷିପୁରା ବିଜେଡି ପକ୍ଷରୁ ବିଜୁବାବୁଙ୍କ ସ୍ମୃତି ଚାରଣ କରିବା ସହ ସ୍ଥାନୀୟ ସାଇଁକୂଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାରତ ରୋଗୀଙ୍କୁ ଫଳ ବ ନ ଓ ପରେ ସାଇଁକୂଳ ବଜାର ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ରଙ୍କ ସମେତ ଜିଲ୍ଲାପରିଷଦ ସଦସ୍ୟ ସୟ ମଲ୍ଲିକ, ପୂର୍ବତନ ସରପଂଚ ବିଭାଷ ଚନ୍ଦ୍ର ନାୟକ, ବିଜେଡି ନେତା ଗୋପୀନାଥ ସ୍ୱାଇଁ, ନନ୍ଦକିଶୋର ବେହାର, ମନୋଜ ଜେନା, ସୁନୀଲ ଜେନା, ଭୀମସେନ ବରାଳ, ବଦ୍ରୀନାଥ ମଲ୍ଲିକ, ମାୟାଧର ପଣ୍ଡା, ସୁରେନ୍ଦ୍ର ପାଲ ପ୍ରମୁଖ ବହୁ ଦଳୀୟ କାର୍ଯ୍ୟକ ୀ ଯୋଗ ଦେଇଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No.
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
EDITOR : Dr. Pabitra Mohan Samantaray